CMYK

• Vol.- 46, Issue No. 230
• Sunday, 22 November 2026
• ରବିବାର, ୨୨ ନଭେମ୍ବର ୨୦୨୬
• Bhubaneswar
• Price: Rs. 3.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

এক নিরপেক্ষ প্রগতিশীল সম্বাদপত্র

ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

ଆଜିଠୁ ବାତ୍ୟା ଜନିତ କ୍ଷୟକ୍ଷତି ଆକଳନ

- ନିୟମ ଅନୁସାରେ କ୍ଷତିପୂରଣ ଦିଆଯିବ
- ୮ନଦୀ ସିଷ୍ଟମ୍‌ର କରାଯିବ ଭିତ୍ତିଭୂମି ବିକାଶ
- ଆଗାମୀ ୭ ଦିନ ଜିଲ୍ଲାଗୁଡ଼ିକ ପାଇଁ କୌଣସି ଚେତାବନୀ ନାହିଁ
- ବନ୍ୟା ସ୍ଥିତି ଉପୁଜି ନାହିଁ,ଜଳବନ୍ଦୀ ସ୍ଥିତି : ସର୍ବୋଚ୍ଚ ଯନ୍ତ୍ରୀ
- ଭୋଗରାଇରେ ସର୍ବାଧିକ ୧୪୩.୦ ମି.ମି. ବର୍ଷା ରେକର୍ଡ଼
- ଜିରୋ କାଜୁଆଲଟି ହାସଲଏକ ବଡ଼ ଉପଲବ୍ଧି



ଭୁବନେଶ୍ୱର, ୨୧।୧୧: ଆସନ୍ତାକାଲି (ରବିବାର)ଠାରୁ ବାତ୍ୟାଜନିତ କ୍ଷୟକ୍ଷତିର ଆକଳନ ଆରମ୍ଭ ହେବ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହି ସୂଚନା ଦେଇଛନ୍ତି। ବାତ୍ୟା 'ଅକୱାନ୍'ର ପ୍ରଭାବ ହ୍ରାସ ପାଇବା ସହ ରାଜ୍ୟରେ ପରିସ୍ଥିତି କ୍ରମଶଃ ସ୍ୱାଭାବିକ ହେଉଛି। ରାଜ୍ୟ ସରକାରଙ୍କ ସୁଦୃଢ଼ ପ୍ରସ୍ତୁତି, ସମନ୍ୱିତ ପଦକ୍ଷେପ ଏବଂ ସମସ୍ତ ସଂପୃକ୍ତ ବିଭାଗ ଓ ସଂସ୍ଥାର ନିଷ୍ଠାପର ଉଦ୍ୟମ ଯୋଗୁଁ ବାତ୍ୟାର ସଫଳ ମୁକାବିଲା ସମ୍ଭବ ହୋଇପାରିଛି। ଏହି ବିପର୍ଯ୍ୟୟରେ ଜିରୋ କାଜୁଆଲଟି ହାସଲ କରିବା ଆମ ସମସ୍ତଙ୍କ ପାଇଁ ଏକ ବଡ଼ ଉପଲବ୍ଧି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି। ସେ କହିଛନ୍ତି ବାତ୍ୟାରେ ଫସଲ ନଷ୍ଟ ହୋଇଥିବା ଚାଷୀଙ୍କୁ ଇନପୁଟ୍ ସବସିଡି ମିଳିବ। ବର୍ଷା ଯୋଗୁଁ ଚାଷୀଙ୍କ ଧାନ ଓଦା ହୋଇଛି। ଓଦା ହୋଇଥିବା ଧାନ ପାଇଁ ମଧ୍ୟ ନିୟମ ଅନୁସାରେ କ୍ଷତିପୂରଣ ଦିଆଯିବ। ବନ୍ୟା ମୁକାବିଲା ପାଇଁ ଦୀର୍ଘମିଆଦୀ ଯୋଜନା ଆରମ୍ଭ ହୋଇଛି। ଓଡ଼ିଶାର ନଦୀ ବ୍ୟବସ୍ଥାକୁ ନେଇ ଡିପିଆର ପ୍ରସ୍ତୁତ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ୮ଟି ନଦୀ ସିଷ୍ଟମ୍‌ର ଭିତ୍ତିଭୂମି ବିକାଶ କରାଯିବ। ୧୧ଟି ନଦୀ ସିଷ୍ଟମ୍ ମଧ୍ୟରୁ ମହାନଦୀ ଓ ରେଙ୍ଗାଲୀ ସିଷ୍ଟମ୍ ଠିକ୍ କାମ କରୁଛି । ଅନ୍ୟ ୮ଟି ନଦୀ ସିଷ୍ଟମ୍‌ର ବିକାଶ ପାଇଁ ଦୀର୍ଘମିଆଦୀ ରୋଡ୍ ମ୍ୟାପ୍ ହେବ। ଏନେଇ ଆଇଆଇଟି ରୁର୍କି ସହ ମଧ୍ୟ ଯୋଗାଯୋଗ କରାଯାଇଛି। ଆଗାମୀ ୭ ଦିନ ଅର୍ଥାତ୍ ୨୧ ତାରିଖ ସକାଳ ଠାରୁ ଆସନ୍ତା ୨୮ ତାରିଖ ସକାଳ ପର୍ଯ୍ୟନ୍ତ ରାଜ୍ୟର ଜିଲ୍ଲା ଗୁଡିକ ପାଇଁ କୌଣସି ଚେତାବନୀ ନାହିଁ । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଶନିବାର ଜାରି ହୋଇଥିବା ଟ୍ୱିଟ୍‌ରୁ ଏହି ସୂଚନା ମିଳିଛି । ଶନିବାର ଭୋର୍ ତଥା ସକାଳ ସମୟରେ ଭୁବନେଶ୍ୱରରେ ମଧ୍ୟମ ଧରଣର କୁହୁଡ଼ି ଦେଖିବାକୁ ମିଳିଛି । ଯାହାର ଦୃଶ୍ୟମାନ ଦୂରତା ୨୦୦ ମିଟରରୁ ୫୦୦ ମିଟର ମଧ୍ୟରେ ରହିଛି । ଅନୁରୂପ ଭାବେ କେନ୍ଦୁଝରରେ ହାଲୁକା କୁହୁଡ଼ିର ଦୃଶ୍ୟମାନ ଦୂରତା ୫୦୦ ମିଟରରୁ ୧୦୦୦ ମିଟର ମଧ୍ୟରେ ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଗୋଟିଏ ସ୍ଥାନରେ ଅତି ଭୀଷଣ ବର୍ଷା ହୋଇଥିବା ବେଳେ ୧୩ ସ୍ଥାନରେ ଭୀଷଣ ବର୍ଷା ହୋଇଛି। ବାଲେଶ୍ୱର ଜିଲ୍ଲାର ଭୋଗରାଇରେ ସର୍ବାଧିକ ୧୪୩.୦ ମି.ମି. ବର୍ଷା ରେକର୍ଡ଼ ହୋଇଥିବା ଏହି ସୂତ୍ରରୁ ପ୍ରକାଶ। ରାଜ୍ୟରେ ବନ୍ୟା ସ୍ଥିତି ଉପୁଜି ନାହିଁ। ରଷିକୁଲ୍ୟାରେ ଶନିବାର ସକାଳେ ସର୍ବାଧିକ ପାଣି ୧୪.୭ ମିଟରରେ ପ୍ରବାହିତ ହୋଇଥିଲା। ଏବେ ସବୁଠି ପାଣି କମୁଛି। ନଦୀ ସ୍ଥିତି ସ୍ୱାଭାବିକ ହୋଇଛି । ବିଭିନ୍ନ ସ୍ଥାନରେ ଜଳବନ୍ଦୀ ସ୍ଥିତି ଏବେ ଲାଗି ରହିଛି ବୋଲି ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲୀପ କୁମାର ରାଉତ କହିଛନ୍ତି।

ପ୍ରତିଷ୍ଠା ହେବ ଓଡ଼ିଶା ସାଇବର କମାଣ୍ଡ ସେଣ୍ଟର

- ପ୍ରାୟ ୨୫୦ କୋଟି ଟଙ୍କା ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ
- ସାଇବର ଅପରାଧ ନିୟନ୍ତ୍ରଣ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ



ଭୁବନେଶ୍ୱର, ୨୧।୧୧: ରାଜ୍ୟରେ ସାଇବର ଅପରାଧ, ଆର୍ଥିକ ଠକେଇ ଏବଂ ଏହା ସହିତ ମହିଳା ଓ ଶିଶୁମାନଙ୍କ ବିରୋଧରେ ହେଉଥିବା ସାଇବର ଅତ୍ୟାଚାରକୁ ରୋକିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ବଡ଼ ପଦକ୍ଷେପ ନେଇଛନ୍ତି। 'ଓଡ଼ିଶା ସାଇବର କମାଣ୍ଡ ସେଣ୍ଟର' ଗଠନ କରିବା ପାଇଁ ସେ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ୨୪୯.୩୯ କୋଟି ଟଙ୍କା ମଞ୍ଜୁର ମଧ୍ୟ କରିଛନ୍ତି। ସାଇବର ଅପରାଧକୁ ଚିହ୍ନଟ କରିବା, ରୋକିବା ଏବଂ ବିଭିନ୍ନ ପ୍ରକାର ସାଇବର ଠକେଇ ଓ ସାଇବର ବିପଦର ନିୟନ୍ତ୍ରଣ ପାଇଁ ତଦନ୍ତ କରିବା କ୍ଷେତ୍ରରେ ଏହି କମାଣ୍ଡ ସେଣ୍ଟର ଏକ ବିଶେଷଜ୍ଞ ସଂସ୍ଥା ଭାବେ କାର୍ଯ୍ୟକରିବ।ଏହାର ମୁଖ୍ୟତଃ ୪ଟି ମୁଖ୍ୟ ଶାଖା ରହିବ। ଏହି ଶାଖାଗୁଡ଼ିକ ହେଉଛି- ସାଇବର କ୍ରାଇମ ହେଡକ୍ୱାର୍ଟର୍ସ, ଷ୍ଟେଟ ସାଇବର କ୍ରାଇମ ପୋଲିସ ଷ୍ଟେସନ, ସାଇବର ରିସୋର୍ସ ସେଣ୍ଟର ଏବଂ ଏଆଇ ପ୍ରେଡିକ୍ଟିଭ୍ ପୋଲିସିଙ୍ଗ୍ ଆଣ୍ଡ ଡାଟା ଆନାଲିଟିକ୍ସ ସେଣ୍ଟର ।

ସୁନା ଚାଲାଣ ବେଳେ ଡିଆର୍‌ଆଇ ମାଡ଼ିବସିଲା

- ୨.୯୮ କେଜି ସୁନା ଜବତ, ୨ ଗିରଫ
- ଜବତ ସୁନାର ମୂଲ୍ୟ ୩ କୋଟି ୮୩ ଲକ୍ଷ
- କାରର୍ ବ୍ୟାକ୍ ଲାଇଟରେ ହୋଇଥିଲା ଚେମ୍ବର



ଭୁବନେଶ୍ୱର, ୨୧।୧୧ (ନି.ପ୍ର): ଡାଇରେକ୍ଟର ଅଫ୍ ରେଭିନ୍ୟୁ ଇଣ୍ଟେଲିଜେନ୍ସ (ଡିଆରଆଇ)ର ଅଧିକାରୀମାନଙ୍କୁ ଶନିବାର ଏକ ବଡ଼ ଧରଣର ସଫଳତା ହାତରେ ଲାଗିଛି। କୋଲକତାରୁ ବେଆଇନ ଭାବେ ହାଇଦ୍ରାବାଦକୁ ସୁନା ଚାଲାଣ କରୁଥିବା ବେଳେ ୨ଜଣ ବେପାରୀଙ୍କୁ ଭୁବନେଶ୍ୱରରେ ମାଡ଼ିବସିଛନ୍ତି ଏହି ଅଧିକାରୀମାନେ। ଏହି ଅଧିକାରୀଙ୍କ ଦ୍ୱାରା ଧରାପଡ଼ିଥିବା ଦୁଇ ସୁନା ବେପାରୀଙ୍କ ଠାରୁ ୨ କେଜି ୯୮ ଗ୍ରାମ ସୁନାକୁ ଜବତ କରାଯାଇଛି। ଜବତ ସୁନାର ମୂଲ୍ୟ ପ୍ରାୟ ୩ କୋଟି ୮୩ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଡିଆରଆଇ ଅଧିକାରୀଙ୍କ ଦ୍ୱାରା ଧରାପଡ଼ିଥିବା ସୁନା ବେପାରୀ ଦ୍ୱୟ ଏକ କାର୍‌ର ପଛପାଖ ଲାଇଟ ଭିତରେ ଏକ ସିକ୍ରେଟ ଚାମ୍ବର କରି ଏଥିରେ ୨୫ଟି ସୁନା ବିସ୍କୁଟକୁ ତା' ଭିତରେ ଭର୍ତ୍ତି କରିଥିବା ଡିଆରଆଇ ଅଧିକାରୀମାନେ ଚଢ଼ଉ ବେଳେ ଜାଣିବାକୁ ପାଇଥିଲେ। ଜବତ ହୋଇଥିବା ସମସ୍ତ ସୁନା ବିସ୍କୁଟରେ ବିଦେଶୀ ମୁଦ୍ରାର ଚିହ୍ନ ରହିଥିବାରୁ ଏହା ବିଦେଶରୁ ଚାଲାଣ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ ଏତେ ମାତ୍ରାରେ ସୁନାକୁ ୨ ଜଣ ବ୍ୟବସାୟୀ କେଉଁଠୁ କ୍ରୟ କଲେ ଏବଂ ଏହାକୁ ସେମାନେ ହାଇଦ୍ରାବାଦରେ କାହାକୁ ବିକ୍ରି କରିଥାନ୍ତେ ସେ ନେଇ ତନାଘନା ଜାରି ରହିଥିବା ଜଣାପଡ଼ିଛି। ତେବେ ଡିଆରଆଇ ଅଧିକାରୀଙ୍କ ଦ୍ୱାରା ଧରାପଡ଼ିଥିବା ଦୁଇ ଯୁବକଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ଠାରୁ ଜବତ ହୋଇଥିବା ସମସ୍ତ ସୁନା ବିସ୍କୁଟ ୨୪ କ୍ୟାରେଟ୍‌ର ବୋଲି ଜଣାପଡ଼ିଛି।

ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ଅଭିଯୋଗ: କୋଟିଆରୁ ୨ ଗିରଫ

କୋରାପୁଟ, ୨୧।୧୧: କୋରାପୁଟ ଜିଲ୍ଲା ଅନ୍ତର୍ଗତ କୋଟିଆ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତିକୁ ବିଗାଡ଼ିବା ଏବଂ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଫାଟୁସିନେରି ଅଞ୍ଚଳରୁ ଗିରଫ ୨ ବ୍ୟକ୍ତିଙ୍କ ବିରୋଧରେ କୋଟିଆ ଥାନାରେ ମାମଲା ରୁଜୁ ହୋଇଛି। ସରକାରୀ କର୍ମଚାରୀଙ୍କୁ କର୍ତ୍ତବ୍ୟ ସମ୍ପାଦନରେ ବାଧା ଦେବା, ସର୍ବସାଧାରଣ ରାସ୍ତା ଅବରୋଧ କରିବା, ଅଶ୍ଳୀଳ ଭାଷା ପ୍ରୟୋଗ କରିବା, ଜୀବନରୁ ମାରିଦେବାକୁ ଧମକ ଦେବା ଏବଂ ଆକ୍ରମଣ କରିବା ଭଳି ଅଭିଯୋଗ ଆଧାରରେ, ନଭେମ୍ବର ୪ ତାରିଖରେ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରା ଅଧୀନରେ ଏହି ମାମଲା ରୁଜୁ କରାଯାଇଥିଲା। ତଦନ୍ତ ସମୟରେ, ଫାଟୁସିନେରି ଅଞ୍ଚଳର ବାସିନ୍ଦା ବିଶୁ ପାଙ୍ଗି ଏବଂ ଲିବୁ ହିମେରିକା ନାମକ ଦୁଇ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ନେଇ ପୋଲିସ ପ୍ରମାଣ ପାଇଥିଲା। ଏହା ପରେ ସେମାନଙ୍କୁ ଗିରଫ କରାଯାଇ କୋର୍ଟରେ ହାଜର କରାଯାଇଥିଲା। ଘଟଣାର ଅଧିକ ତଦନ୍ତ ଜାରି ରହିଛି। ଅପରପକ୍ଷରେ, କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ଏବଂ ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ପୋଲିସ ଓଡ଼ିଶା-ଆନ୍ଧ୍ରପ୍ରଦେଶ ସୀମାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଛି। ତିନୋଟି ସ୍ଥାନରେ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି, ଯେଉଁଠାରେ ବ୍ୟାରିକେଡ୍ ଲଗାଇବା, ଗାଡ଼ି ଯାଞ୍ଚ କରିବା ଏବଂ ନିୟମିତ ପାଟ୍ରୋଲିଂ କରାଯାଉଛି। ଆଗକୁ ଆନ୍ଧ୍ର କୋଟିଆରେ ପୁଣି ନିର୍ବାଚନ କରାଇବାକୁ ପ୍ରସ୍ତୁତି ଚଳାଇଥିବା ଚର୍ଚ୍ଚାର ବିଷୟ ହୋଇଛି।

ବିଳମ୍ବିତ ହୋଇପାରେ ଗଗନଯାନ ମିସନ

ନୂଆଦିଲ୍ଲୀ, ୨୧।୧୧: ଚଳିତ ବର୍ଷ ମହାକାଶକୁ ଦେଶର ବହୁ ପ୍ରତୀକ୍ଷିତ ଗଗନଯାନ ମିସନ୍‌ର ପ୍ରଥମ ମାନବବିହୀନ ଉଡ଼ାଣ ବିଳମ୍ବିତ ହୋଇପାରେ। ଡିସେମ୍ବର ୨୦୨୬ରେ ଏହି ମିସନ୍ ଉତ୍କ୍ଷେପଣ ହେବାର ଯୋଜନା ଥିବାବେଳେ ଏବେ ଏହା ପୁଣି ଘୁଞ୍ଚିପାରେ । ନଭେମ୍ବର ୨୦ରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ, ୨୦୨୭ ଫେବୃଆରୀ ପୂର୍ବରୁ ଗଗନଯାନ ଉଡ଼ାଣ ହେବା ସମ୍ଭାବନା କମ୍ । ଏହା ପଛର କାରଣ ନେଇ କୁହାଯାଇଛି ଯେ ଅତିରିକ୍ତ ପରୀକ୍ଷଣ, ସିମୁଲେସନ୍ ଓ ବୈଷୟିକ ଯାଞ୍ଚ ପାଇଁ ଉତ୍କ୍ଷେପଣ ବିଳମ୍ବ ହୋଇପାରେ।

ମୁଖ୍ୟମନ୍ତ୍ରୀ ଦେଲେ ନିର୍ଦ୍ଦେଶ

ନବୀନ, ପାଣ୍ଡିଆନଙ୍କ ବିଦେଶ ଗସ୍ତର ହେବ ତଦନ୍ତ

'ଜାପାନ ଓ ଇଟାଲୀ ଗସ୍ତ ବାବଦ ଖର୍ଚ୍ଚର ବିବରଣୀ ସନ୍ଦେହଜନକ'



ଭୁବନେଶ୍ୱର, ୨୧।୧୧: ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଭି. କେ. ପାଣ୍ଡିଆନ ଏବଂ ଆଇପିଏସ୍ ଅଧିକାରୀ ରବି କାନ୍ତଙ୍କ ୨୦୨୨-୨୩ ଓ ୨୦୨୩-୨୪ ମସିହାର ବିଦେଶ ଗସ୍ତ ସମ୍ପର୍କରେ ତଦନ୍ତ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ନିର୍ଦ୍ଦେଶ ଦେଇଛନ୍ତି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ପ୍ରମୁଖ ସଚିବ ଏହି ଘଟଣାର ତଦନ୍ତ କରିବେ। ଉଲ୍ଲେଖଯୋଗ୍ୟ ଯେ, ବିଭିନ୍ନ ସାମାଜିକ କର୍ମୀଙ୍କ ଅନୁଯାୟୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଭି. କେ. ପାଣ୍ଡିଆନ ଏବଂ ଆଇପିଏସ୍ ଅଧିକାରୀ ରବି କାନ୍ତ ୨୦୨୨-୨୩ ଓ ୨୦୨୩-୨୪ ମସିହାରେ ବହୁ ଥର ବିଦେଶ ଗସ୍ତ କରିଥିଲେ। ବିଭିନ୍ନ ଆରଟିଆଇ ଆବେଦନ ମାଧ୍ୟମରେ ମିଳିଥିବା ତଥ୍ୟ ଆଧାରରେ, ସାମାଜିକ କର୍ମୀମାନେ ଅଭିଯୋଗ କରିଛନ୍ତି ଯେ ଜାପାନ ଏବଂ ଇଟାଲୀ ଗସ୍ତ ବାବଦ ଖର୍ଚ୍ଚର ବିବରଣୀ ସନ୍ଦେହଜନକ, ଅସ୍ପଷ୍ଟ ତଥା ଅସମ୍ପୂର୍ଣ୍ଣ ରହିଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଏହି ଗସ୍ତଗୁଡ଼ିକର ବିବରଣୀକୁ ଜାଣିଶୁଣି ଗୋପନ ରଖାଯାଇଥିଲା, ଯେଉଁ କାରଣରୁ ତଥ୍ୟଗୁଡ଼ିକ ମଧ୍ୟରେ ସମାନତା କିମ୍ବା ସ୍ପଷ୍ଟତା ନାହିଁ। ଏହି ଅଭିଯୋଗଗୁଡ଼ିକୁ ଦୃଷ୍ଟିରେ ରଖି, ପ୍ରକୃତ ସତ୍ୟ ସାମ୍ନାକୁ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଖୁବ୍ ଶୀଘ୍ର ଓଡ଼ିଶା ଆସିବେ ଶାହ !

ଭୁବନେଶ୍ୱର ୨୧।୧୧: ଖୁବ୍ ଶୀଘ୍ର ଓଡ଼ିଶା ଆସିବେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ୍ ଶାହ । ତେବେ ତାଙ୍କର ଗସ୍ତ କାର୍ଯ୍ୟକ୍ରମ ବୃତ୍ତାନ୍ତ ହୋଇନାହିଁ। କାର୍ଯ୍ୟକ୍ରମ ସ୍ଥିର ହେଲେ ନିଶ୍ଚିତ ସୂଚନା ଦିଆଯିବ ବୋଲି କହିଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ।ପୂର୍ବ ସୂଚନା ଅନୁସାରେ ଚଳିତ ମାସ ୨୮ ଏବଂ ୨୯ ତାରିଖରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଓଡ଼ିଶା ଆସିବେ ବୋଲି କୁହାଯାଇଥିଲା । ଏହି ଗସ୍ତ ସମୟରେ ପୁରୀରେ ପୂର୍ବାଞ୍ଚଳ ଜୋନାଲ କାଉନସିଲ୍ ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ଥିଲା । ଏହା ସହ ରାଜ୍ୟ ବିଜେପିର ଶୀର୍ଷ ନେତୃତ୍ୱଙ୍କ ସହ ଅମିତ ଶାହଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ବୈଠକ ହେବା ନେଇ ମଧ୍ୟ ଚର୍ଚ୍ଚା ହୋଇଥିଲା। ତେବେ ଏସବୁ କାର୍ଯ୍ୟକ୍ରମ ଉପରେ ଏବେ ଚୂଡ଼ାନ୍ତ ହୋଇନାହିଁ।

ମହିଳା ଏସ୍.ଆଇଙ୍କ ସନ୍ଦେହଜନକ ମୃତ୍ୟୁ

ପୁରୁଷୋତ୍ତମପୁର, ୨୧।୧୧: ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନାରେ କାର୍ଯ୍ୟରତ ମହିଳା ସବ୍ ଇନିସପେକ୍ଟର ପ୍ରଭାସିନୀ ସାହୁଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି । ନିଜ ସରକାରୀ କ୍ୱାର୍ଟରରେ ସେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । କାହିଁକି ଜଣେ ମହିଳା ଏସ୍.ଆଇ ନିଜ କ୍ୱାର୍ଟରରେ ଜୀବନ ହାରିଲେ, ତାର କାରଣ ଜଣାପଡ଼ିନାହିଁ । ଘଟଣାର ତଦନ୍ତ ପାଇଁ ପୁରୁଷୋତ୍ତମପୁର ଥାନାରେ ଗଞ୍ଜାମ ଏସ୍‌ପି ପହଞ୍ଚିଛନ୍ତି। ମୃତ ଏସ୍‌ଆଇ ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନା ଅନ୍ତର୍ଗତ ମହନ୍ତପୁର ଗ୍ରାମର ବାସିନ୍ଦା । ଗତ ସେପ୍ଟେମ୍ବର ମାସରେ ପୁରୁଷୋତ୍ତମପୁର ଥାନାରେ ନୂଆ କରି ଯୋଗଦେଇ କାର୍ଯ୍ୟରତ ଥିଲେ । ପାରିବାରିକ ସମସ୍ୟା, କାର୍ଯ୍ୟଜନିତ ଚାପ ନା ଅନ୍ୟ କୌଣସି କାରଣ ଏପରି ଘଟିଛି ଏହାକୁ ନେଇ ତଦନ୍ତ ଜାରି ରହିଛି । ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଗଞ୍ଜାମ ଏସ୍‌ପି ହରୀଶ ବି.ସି. ସୂଚନା ଦେଇଛନ୍ତି । ଘଟଣାକୁ ନେଇ ପୋଲିସ ବିଭାଗରେ ଶୋକର ଛାୟା ଖେଳିଯାଇଛି ।

ଭିଜିଲାନ୍ସ ଜାଲରେ ବରିଷ୍ଠ ସହାୟକ



ଅନୁଗୋଳ, ୨୧।୧୧: ସରକାରୀ ଅର୍ଥ ହଡପ ଅଭିଯୋଗରେ ଅନୁଗୋଳ ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡର ବରିଷ୍ଠ ସହାୟକ ଅଜୟ କୁମାର ନାଏକଙ୍କୁ ଓଡିଶା ଭିଜିଲାନ୍ସ ବିଭାଗ ଗିରଫ କରିଛି । ଏଚଆରଏମଏସ ପୋର୍ଟାଲ୍ ବିଲ୍‌ରେ ଅବସରପ୍ରାପ୍ତ ଓ ମୃତ କର୍ମଚାରୀମାନଙ୍କ ନାମରେ ଜାଲ୍ ବିଲ୍ ପ୍ରସ୍ତୁତ କରି ସେ ୧ କୋଟି ୨୩ ଲକ୍ଷ ୫୨ ହଜାର ୫୪୭ ଟଙ୍କା ହଡପ କରିଥିବା ତଦନ୍ତରୁ ଜଣାପଡିଛି । ଭିଜିଲାନ୍ସ ବିଭାଗ ଅଜୟଙ୍କୁ କୋର୍ଟରେ ହାଜର କରିଥିଲେ । କିନ୍ତୁ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ଜେଲକୁ ପଠାଇ ଦିଆଯାଇଛି । ଅଭିଯୁକ୍ତ ଗତ ଅକ୍ଟୋବରରୁ ଫେରାର ଥିଲେ । ଶନିବାର ଅନୁଗୋଳ ସହରରେ ତାଙ୍କୁ ଧରାଯାଇଥିଲା ।

୨୭ ସୁଦ୍ଧା ମହାନଦୀ ଜଳ ଆବଣ୍ଟନ ନେଇ ରିପୋର୍ଟ



ନୂଆଦିଲ୍ଲୀ, ୨୧।୧୧: କେନ୍ଦ୍ରୀୟ ଜଳ ଆୟୋଗ(ସିଡବ୍ଲୁସି) ଆସନ୍ତା ୨୭ ତାରିଖ ସୁଦ୍ଧା ଭାରତ ସରକାରଙ୍କ ଜଳ ସମ୍ପଦ ମନ୍ତ୍ରଣାଳୟକୁ ମହାନଦୀ ଜଳ ଆବଣ୍ଟନ ନେଇ ରିପୋର୍ଟ ପ୍ରଦାନ କରିବ । ସିଡବ୍ଲୁସି ପକ୍ଷରୁ ଲିଖିତ ଭାବେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲକୁ ଏନେଇ ଅବଗତ କରାଯାଇଛି। ଫଳରେ ନଭେମ୍ବର ୩୦ରେ ପରବର୍ତ୍ତୀ ଶୁଣାଣି ହେବ ବୋଲି ଟ୍ରିବ୍ୟୁନାଲ ଦ୍ୱାରା ସ୍ଥିର କରାଯାଇଛି । ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲର ଅଧ୍ୟକ୍ଷା ବେଲା ଏମ୍ ତ୍ରିବେଦୀଙ୍କ ନେତୃତ୍ୱରେ ମହାନଦୀ ଜଳ ବିବାଦ ନେଇ ଶୁଣାଣି ଅନୁଷ୍ଠିତ ହୋଇଥିଲା । ଶୁଣାଣି ଆରମ୍ଭରେ ଟ୍ରିବ୍ୟୁନାଲ ଦର୍ଶାଇଥିଲେ, ସିଡବ୍ଲୁସିର ସଦସ୍ୟ-ସଚିବ ଏକ ପତ୍ର ଲେଖି ଜଣାଇଛନ୍ତି, ନଭେମ୍ବର ୨୭ କିମ୍ବା ଏହା ପୂର୍ବରୁ ମହାନଦୀ ଜଳ ଆବଣ୍ଟନ ରିପୋର୍ଟ ଭାରତ ସରକାରଙ୍କ ଜଳ ସମ୍ପଦ ମନ୍ତ୍ରଣାଳୟକୁ ପ୍ରଦାନ କରାଯିବ । ଫଳରେ ଟ୍ରିବ୍ୟୁନାଲ ନଭେମ୍ବର ୩୦ ପର୍ଯ୍ୟନ୍ତ ପରବର୍ତ୍ତୀ ଶୁଣାଣି ପାଇଁ ସ୍ଥଗିତ ରଖିଥିଲେ ।

ପାଣିରେ ଭିଜୁଛି ପାଚିଲା ଧାନ ଫସଲ: ଚିନ୍ତାରେ ଚାଷୀକୁଳ



ଗଞ୍ଜାମ, ୨୧।୧୧: ବାତ୍ୟା ଅକୱାନ ପ୍ରଭାବରେ ଜିଲ୍ଲାର ବହୁ ସ୍ଥାନରେ ଚାଷୀଙ୍କର ବର୍ଷକର ପରିଶ୍ରମ ପାଣିରେ ଭିଜିଛି। ଯେଉଁ ପାଚିଲା ଫସଲ ଅମଳ କରିବା ନେଇ ଆଶାୟୀ ଥିଲା ଚାଷୀ ତାହା ମୁହଁରୁ ହସ ଛଡାଇନେଇଛି । ଚାଷୀକୁଳରୁ ପ୍ରକାଶ ଯେ ହଜାର ହଜାର ଏକର ଚାଷଜମି ଜଳମଗ୍ନ ହୋଇଛି। ବାତ୍ୟା ଛାଡିଦେଇ ଯାଇଛି ବହୁ ଦୁର୍ଦ୍ଦଶା। ଯେଉଁ ସମୟରେ ଧାନ ଅମଳ କରି ବର୍ଷକ ପାଇ

ପଞ୍ଚ ରାସ ଉତ୍ସବ



କାର୍ତ୍ତିକର ଶେଷ ପାଞ୍ଚ ଦିନ ପଞ୍ଚୁକ କୁହାଯାଉ ଥିବାବେଳେ ଏହି ପାଞ୍ଚ ଦିନ ସନ୍ଧ୍ୟାରେ ବିଭିନ୍ନ ମଠ ଓ ମନ୍ଦିରରେ ରାସ ଉତ୍ସବ ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇଥାଏ। ଯାହାକୁ ପଞ୍ଚ ରାସ ଉତ୍ସବ କୁହା ଯାଇଥାଏ। କାର୍ତ୍ତିକ ଶୁକ୍ଳ ଏକାଦଶୀ ଠାରୁ ପୂର୍ଣିମା ପର୍ଯ୍ୟନ୍ତ ଏହି ରାସ ଉତ୍ସବ ଅନୁଷ୍ଠିତ ହେଉଥିବାରୁ କାର୍ତ୍ତିକ ପୂର୍ଣ୍ଣିମାକୁ ରାସ ପୂର୍ଣ୍ଣିମା ବୋଲି ମଧ୍ୟ କୁହାଯାଇଥାଏ। ବିଭିନ୍ନ ମଠ ଓ ମନ୍ଦିରରେ ରାସ ଉତ୍ସବ ପାଇଁ ସ୍ୱତନ୍ତ୍ର କୁଞ୍ଜ ପ୍ରସ୍ତୁତ କରାଯାଇ ଥାଏ। ସନ୍ଧ୍ୟାରେ ମଠ ଓ ମନ୍ଦିରରେ ପୂଜା ପାଉଥିବା ଶ୍ରୀରାଧାରାଣୀ ଓ ଶ୍ରୀକୃଷ୍ଣଙ୍କ ପ୍ରତିମାକୁ ଶୋଭାଯାତ୍ରାରେ ଆଣି ପୂର୍ବରୁ ପ୍ରସ୍ତୁତ ସୁସଜ୍ଜିତ କୁଞ୍ଜରେ ବିଜେ କରା ଯାଇଥାଏ। କୁଞ୍ଜ ସମ୍ମୁଖରେ ଶରତ ରାସ ପୁସ୍ତକରୁ ପ୍ରତ୍ୟେକ ଦିନ ଗୋଟିଏ ଅଧ୍ୟାୟ ପାଠ କରା ଯାଇଥାଏ। ଶରତ ରାସ ପୁସ୍ତକ ପାଠ ପରେ ଶ୍ରୀ ରାଧାକୃଷ୍ଣଙ୍କୁ ବାଳ ଭୋଗ ଲାଗି ଓ ବନ୍ଦାପନା କରା ଯାଇଥାଏ। ଶେଷରେ ଶୋଭା ଯାତ୍ରାରେ ଶ୍ରୀରାଧାକୃଷ୍ଣଙ୍କୁ ମନ୍ଦିର ଭିତରକୁ ନିଆଯାଇ ତାଙ୍କ ପୂର୍ବ ଆସ୍ଥାନରେ ବିଜେ କରା ଯାଇଥାଏ। କାର୍ତ୍ତିକ ପୂର୍ଣ୍ଣିମାରେ ରାସ ଉତ୍ସବ ଶେଷ ହୋଇଥାଏ। ସାରା ଜଗତ ପ୍ରେମ ର ବଶ। ପ୍ରେମରେ ବନ୍ଧା ଶ୍ରୀପରମାନନ୍ଦ। ଶ୍ରୀରାଧା କୃଷ୍ଣ ହିଁ ପ୍ରେମର ସ୍ୱରୂପ। ମାନବ ରୂପରେ ଅବତାରୀ ଶ୍ରୀକୃଷ୍ଣ ଗୋପରେ ଗୋପୀ ଓ ଶ୍ରୀରାଧାଙ୍କ ସହିତ ଯେଉଁ ଦିବ୍ୟ ଲୀଳା ରଚିଥିଲେ ତାହା ହିଁ ରାସ ଲୀଳା ବା ଉତ୍ସବ। ମୁନି ଋଷିଗଣଙ୍କ ପ୍ରାର୍ଥନା ଶୁଣି ସେମାନଙ୍କ ଇଚ୍ଛାକୁ ପୂର୍ଣ୍ଣ କରିବାକୁ ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ଏହି ରାସ ଲୀଳା ରଚିଥିଲେ। ଶ୍ରୀମଦ୍ ଭାଗବତ ଅନୁସାରେ ଶ୍ରୀକୃଷ୍ଣ ହିଁ ପରମ ପୁରୁଷ। ଆଉ ସମସ୍ତେ ନାରୀ। ଅର୍ଥାତ୍, ଭଗବାନ ଶ୍ରୀକୃଷ୍ଣ ହିଁ ପରମାତ୍ମା ଆଉ ସମସ୍ତେ ଆତ୍ମା। ଆତ୍ମା ଚାହେଁ ମୋକ୍ଷ ପ୍ରାପ୍ତ ହୋଇ ପରମାତ୍ମାଙ୍କ ସହିତ ମିଶି ଯିବା ପାଇଁ। ଏହାହିଁ ରାସ ଲୀଳାର ଗୂଢ଼ ରହସ୍ୟ ବା ତତ୍ତ୍ୱ। ଭଗବାନ ଶ୍ରୀକୃଷ୍ଣଙ୍କ ଏହି ଲୀଳାକୁ ମନେ ପକାଇ ଓ ତାଙ୍କ ପାଦପଦ୍ମରେ ବିଲୀନ ହେବାକୁ ଇଚ୍ଛା ପ୍ରକାଶ କରି ବୈଷ୍ଣବ ଭକ୍ତମାନେ କାର୍ତ୍ତିକ ମାସର ପଞ୍ଚୁକରେ ଅନୁଷ୍ଠିତ କରିଥାନ୍ତି ପଞ୍ଚ ରାସ ଉତ୍ସବ। କାହିଁ କେତେ କାଳରୁ ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ଏହା ରହି ଆସିଛି ।

ଶ୍ରୀମଦ୍ ଭାଗବତ ଅନୁସାରେ ଶ୍ରୀକୃଷ୍ଣ ହିଁ ପରମ ପୁରୁଷ। ଆଉ ସମସ୍ତେ ନାରୀ। ଅର୍ଥାତ୍, ଭଗବାନ ଶ୍ରୀକୃଷ୍ଣ ହିଁ ପରମାତ୍ମା ଆଉ ସମସ୍ତେ ଆତ୍ମା।

ମଙ୍ଗଳ ଗ୍ରହର ଜୀବନ ଉପରେ ପ୍ରଭାବ

ଜ୍ୟୋତିଷ ଶାସ୍ତ୍ରରେ ନବଗ୍ରହଙ୍କ ମଧ୍ୟରୁ ମଙ୍ଗଳ ଗ୍ରହଙ୍କୁ 'ଗ୍ରହମାନଙ୍କର ସେନାପତି' ଭାବେ ବିବେଚନା କରାଯାଏ । ସଂସ୍କୃତରେ ମଙ୍ଗଳଙ୍କୁ ଭୌମ, କୁଜ, ଅଙ୍ଗାରକ ଏବଂ ରକ୍ତବର୍ଣ୍ଣ ମଧ୍ୟ କୁହାଯାଏ । ପୌରାଣିକ ମତାନୁସାରେ, ମଙ୍ଗଳ ହେଉଛନ୍ତି ପୃଥିବୀ ମାତାଙ୍କ ପୁତ୍ର । ଆକାଶମଣ୍ଡଳରେ ଲାଲ୍ ରଙ୍ଗର ଦେଖାଯାଉଥିବା ଏହି ଗ୍ରହ ସାହସ, ପରାକ୍ରମ, ଶକ୍ତି, ଉତ୍ସାହ, କ୍ରୋଧ, ଭୂମି ଏବଂ ଭ୍ରାତୃତ୍ୱର କାରକ ଅଟନ୍ତି । ଯେଉଁ ବ୍ୟକ୍ତିଙ୍କ ଜାତକରେ ମଙ୍ଗଳ ଶୁଭ ଓ ବଳବାନ ସ୍ଥିତିରେ ଥାଆନ୍ତି, ସେମାନେ ନିର୍ଭୀକ, ନେତୃତ୍ୱ ନେବାର କ୍ଷମତା ସମ୍ପନ୍ନ ଏବଂ କର୍ମଠ ହୋଇଥାଆନ୍ତି ।

ରାଶିଚକ୍ରର ବାରଟି ରାଶି ମଧ୍ୟରୁ ମେଷ ଏବଂ ବିଛା ରାଶିର ଅଧିପତି ହେଉଛନ୍ତି ମଙ୍ଗଳ । ସେ ମକର ରାଶିରେ ଉଚ୍ଚସ୍ଥ (ଅତ୍ୟନ୍ତ ବଳବାନ) ହୋଇଥାଆନ୍ତି ଏବଂ କର୍କଟ ରାଶିରେ ନୀଚସ୍ଥ (ଦୁର୍ବଳ) ହୋଇଥାଆନ୍ତି । ମୃଗଶିରା, ଚିତ୍ରା ଏବଂ ଧନିଷ୍ଠା ନକ୍ଷତ୍ରର ସ୍ୱାମୀ ହେଉଛନ୍ତି ମଙ୍ଗଳ ଗ୍ରହ । ସୂର୍ଯ୍ୟ, ଚନ୍ଦ୍ର ଏବଂ ବୃହସ୍ପତିଙ୍କ ସହ ମଙ୍ଗଳଙ୍କର ମିତ୍ରତା ରହିଥିବା ବେଳେ ବୁଧଙ୍କ ସହ ତାଙ୍କର ଶତ୍ରୁତା ରହିଛି । ଶୁକ୍ର ଏବଂ ଶନିଙ୍କ ସହ ସେ ସମଭାବ ରଖନ୍ତି । ସାଧାରଣତଃ ମଙ୍ଗଳ ଗୋଟିଏ ରାଶିରେ ପ୍ରାୟ ୪୫ ଦିନ ପର୍ଯ୍ୟନ୍ତ ଅବସ୍ଥାନ କରିଥାଆନ୍ତି । ଜାତକରେ ମଙ୍ଗଳଙ୍କ ସ୍ଥିତି ବ୍ୟକ୍ତିର ଚରିତ୍ର ଏବଂ ଭାଗ୍ୟ ନିର୍ଦ୍ଧାରଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଯଦି ଜନ୍ମକୁଣ୍ଡଳୀରେ ମଙ୍ଗଳ କେନ୍ଦ୍ର କିମ୍ବା ତ୍ରିକୋଣ ଭାବରେ ଶୁଭ ଦୃଷ୍ଟିରେ ଥାଆନ୍ତି, ତେବେ ବ୍ୟକ୍ତି ଉଚ୍ଚ ପଦାଧିକାରୀ, ସେନାବାହିନୀ, ପୋଲିସ, ଇଞ୍ଜିନିୟରିଂ, ଚିକିତ୍ସା କ୍ଷେତ୍ର (ବିଶେଷକରି ଶଲ୍ୟ ଚିକିତ୍ସା) କିମ୍ବା କ୍ରୀଡ଼ା ଜଗତରେ ଅପାର ସଫଳତା ଲାଭ କରିଥାଆନ୍ତି । ଏପରି ବ୍ୟକ୍ତିମାନେ ନ୍ୟାୟପ୍ରିୟ, ସତ୍ୟବାଦୀ ଏବଂ କଠିନ ପରିଶ୍ରମୀ ହୋଇଥାଆନ୍ତି । ଭୂମି ଓ ସମ୍ପତ୍ତି କ୍ରୟ-ବିକ୍ରୟରୁ ମଧ୍ୟ ସେମାନଙ୍କୁ ବିଶେଷ ଲାଭ ମିଳିଥାଏ ।

ଅନ୍ୟପକ୍ଷରେ, ଯଦି ମଙ୍ଗଳ ଜାତକରେ ପାପଗ୍ରହଙ୍କ ଦ୍ୱାରା ପୀଡ଼ିତ ହୁଅନ୍ତି କିମ୍ବା ଅଶୁଭ ସ୍ଥାନରେ ରହନ୍ତି, ତେବେ ବ୍ୟକ୍ତି ଅତ୍ୟଧିକ କ୍ରୋଧୀ, ଜିଦ୍ଖୋର ଏବଂ ଅହଂକାରୀ ହୋଇପଡ଼ନ୍ତି । ଏହାଦ୍ୱାରା ପାରିବାରିକ କଳହ, ଭାଇମାନଙ୍କ ସହ ମତଭେଦ, ରକ୍ତ ସମ୍ବନ୍ଧୀୟ ରୋଗ, ଉଚ୍ଚ ରକ୍ତଚାପ, ଦୁର୍ଘଟଣା ଏବଂ ଆୟୁଷ ସହ ଜଡ଼ିତ । ତେବେ ପ୍ରତ୍ୟେକ ମାଙ୍ଗଳିକ ଯୋଗ ଅଶୁଭ ନୁହେଁ । ବୃହସ୍ପତି କିମ୍ବା ଶୁଭ ଗ୍ରହଙ୍କ ଦୃଷ୍ଟି ପଡ଼ିଲେ କିମ୍ବା ମଙ୍ଗଳ ନିଜ ରାଶିରେ ଥିଲେ ଏହି ଦୋଷ ସ୍ୱତଃ ଖଣ୍ଡନ ହୋଇଯାଏ । ତେଣୁ ଅଯଥା ଭୟଭୀତ ନ ହୋଇ ଅଭିଜ୍ଞ ଜ୍ୟୋତିଷଙ୍କ ପରାମର୍ଶ ନେବା ଉଚିତ ।

ଜାତକରେ ମଙ୍ଗଳ ଦୁର୍ବଳ କିମ୍ବା ଅଶୁଭ ଥିଲେ ଶାସ୍ତ୍ରୀୟ ଉପାୟ ଅବଲମ୍ବନ କରିବା ଦ୍ୱାରା ଶୁଭଫଳ ପ୍ରାପ୍ତ ହୁଏ । ମଙ୍ଗଳବାର ଭଗବାନ ହନୁମାନଙ୍କ ପୂଜା କରିବା, ହନୁମାନ ଚାଳିଶା ପାଠ କରିବା ଏବଂ ମସୁର ଡାଲି, ଗୁଡ଼, ଲାଲ୍ ବସ୍ତ୍ର, ତମ୍ବା ପାତ୍ର କିମ୍ବା ରକ୍ତଚନ୍ଦନ ଦାନ କରିବା ଶୁଭଦାୟକ । ଏହାସହ ମଙ୍ଗଳବାର ବ୍ରତ ରଖିବା ସହ "ଓଁ ଅଂ ଅଙ୍ଗାରକାୟ ନମଃ" କିମ୍ବା "ଓଁ କ୍ରାଂ କ୍ରୀଂ କ୍ରୌଂ ସଃ ଭୌମାୟ ନମଃ" ମନ୍ତ୍ର ଜପ କରିବା ଉଚିତ । ନିଜ କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା, ବଡ଼ ଭାଇଙ୍କୁ ସମ୍ମାନ ଦେବା ଏବଂ ନିୟମିତ ବ୍ୟାୟାମ କରିବା ଦ୍ୱାରା ମଙ୍ଗଳ ଗ୍ରହ ସକାରାତ୍ମକ ଶକ୍ତି ପ୍ରଦାନ କରିଥାଆନ୍ତି ।



ପରିଶେଷରେ କୁହାଯାଇପାରେ ଯେ, ମଙ୍ଗଳ ଗ୍ରହ ହେଉଛନ୍ତି ଶକ୍ତି ଏବଂ ଗତିଶୀଳତାର ପ୍ରତୀକ । ସଠିକ୍ ଦିଗଦର୍ଶନ ଏବଂ ଆତ୍ମସଂଯମତା ଦ୍ୱାରା ଆମେ ମଙ୍ଗଳଙ୍କ ଅସୀମ ଶକ୍ତିକୁ ସକାରାତ୍ମକ କାର୍ଯ୍ୟରେ ବିନିଯୋଗ କରି ଜୀବନରେ ସଫଳତା ଓ ସମୃଦ୍ଧି ହାସଲ କରିପାରିବା ।

ଜ୍ୟୋତିର୍ବିଦ ପଣ୍ଡିତ ଶୁଭମ ଶୁଭାଶିଷ ଦ୍ୱିବେଦୀ
ସ୍ୱାମ ପାଟଣା, କେନ୍ଦୁଝର,
ମୋ - ୬୩୭୦୦୯୩୨୪୭

କାର୍ତ୍ତିକ, ପଞ୍ଚକ, ପୂଜାବିଧି





ଓଡ଼ିଆଙ୍କ ଘରେ ଘରେ ବାର ମାସରେ ତେର ପର୍ବ। ପୁଣ୍ୟ ପାବନ କାର୍ତ୍ତିକ ମାସରେ ମାସ ତମାମ ପାଳନ ହେଉଥିବା କାର୍ତ୍ତିକ ବ୍ରତର ଗୁରୁତ୍ୱ ଓ ମହତ୍ତ୍ୱ ଅନେକ। ମହାପ୍ରଭୁ ଶ୍ରୀଜଗନ୍ନାଥ କୋଟି ଓଡ଼ିଆଙ୍କ ମଉଡମଣି ଓ ଆମର ଆରାଧ୍ୟ ଦେବତା। କାର୍ତ୍ତିକ ମାସର ଶେଷ ପାଞ୍ଚଦିନ ଅର୍ଥାତ୍ ଦେବଉତ୍‌ଥାପନ ବା ବଡ଼ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଦିନକୁ ପବିତ୍ର ପଞ୍ଚକ ଭାବେ ପାଳନ କରାଯାଇଥାଏ। ଏହା ମହାପଞ୍ଚକ, ବକ ପଞ୍ଚକ ବା ଭୀଷ୍ମ ପଞ୍ଚକ ବା ବିଷ୍ଣୁ ପଞ୍ଚକ ଭାବେ ମଧ୍ୟ ଜଣାଶୁଣା। ଯେଉଁମାନେ କାର୍ତ୍ତିକ ମାସ ସାରା ହବିଷ୍ୟ କରିପାରନ୍ତି ନାହିଁ, ସେମାନେ ଏହି ପାଞ୍ଚଦିନ ହବିଷ୍ୟ ପାଳନ କରନ୍ତି। ଅନେକ ଅଁଳା ନବମୀ, ରାଧାପାଦ ଦର୍ଶନ ଦିନ ଠାରୁ ସାତ ଦିନ ହବିଷ୍ୟ ରଖନ୍ତି। ଏହି ପାଞ୍ଚଦିନ ହିନ୍ଦୁମାନେ ଆମିଷ ପରିତ୍ୟାଗ କରି ଶୁଦ୍ଧ, ସାତ୍ତ୍ୱିକ ଖାଦ୍ୟ ଭୋଜନ କରନ୍ତି। ଏହି ପଞ୍ଚକରେ ବକମାନେ ମଧ୍ୟ ଆମିଷ ଭୋଜନରୁ ନିବୃତ୍ତ ରୁହନ୍ତି ବୋଲି କଥିତ ଅଛି। ତେଣୁ ଏହାକୁ 'ବକ ପଞ୍ଚକ' କୁହାଯାଏ। ଶର ଶଯ୍ୟାରେ ଶାୟିତ ଭୀଷ୍ମ ରାଜ ଧର୍ମ, ମୋକ୍ଷଧର୍ମ, ଦାନଧର୍ମ ବିଷୟରେ ବର୍ଣ୍ଣନା କରିଥିଲେ। ଯାହାକୁ ପାଣ୍ଡବମାନଙ୍କ ସହିତ ଶ୍ରୀକୃଷ୍ଣ ମଧ୍ୟ ଶୁଣିଥିଲେ। ଏଥିରେ ପ୍ରସନ୍ନ ହୋଇ ଶ୍ରୀବାସୁଦେବ ଭୀଷ୍ମଙ୍କୁ ବର ଦେଇଥିଲେ। ଭୀଷ୍ମ କାର୍ତ୍ତିକ ଏକାଦଶୀ ଦିନ ଜଳର ଇଚ୍ଛା କରିଥିଲେ। ଅର୍ଜୁନ ବାଣ ଦ୍ୱାରା ଗଙ୍ଗାଜଳ ଉତ୍ପନ୍ନ କରି ତାଙ୍କ ପ୍ରାଣ ସନ୍ତୁଷ୍ଟ କରିଥିଲେ। ଏଣୁ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଯେଉଁମାନେ ଭୀଷ୍ମଙ୍କୁ ଜଳ ଓ ଅର୍ଘ୍ୟ ଦାନ କରନ୍ତି ସେମାନେ ବିଷ୍ଣୁଙ୍କୁ ମଧ୍ୟ ତୃପ୍ତ କରିଥାନ୍ତି। ସେଥିପାଇଁ ପଞ୍ଚକକୁ 'ଭୀଷ୍ମପଞ୍ଚକ' ବୋଲି ମଧ୍ୟ କୁହାଯାଇଥାଏ। ସନ୍ତାନପ୍ରାପ୍ତି ଉଦ୍ଦେଶ୍ୟରେ ଅନେକ 'ଭୀଷ୍ମ ପଞ୍ଚକ' ପାଳିଥାନ୍ତି। ଏହି ପଞ୍ଚକରେ ତୀନିକୋଟି ଦେବତା ଏକତ୍ର ହୋଇ ମଣିଷର ନିକଟତର ହୋଇଥାନ୍ତି। ଏହି ସମୟରେ ଏକ ଲକ୍ଷ ତୁଳସୀ ପତ୍ର ଚଢ଼ାଇ ବିଷ୍ଣୁଙ୍କୁ ପୂଜା କଲେ, ସମସ୍ତ ଦେବତା ପ୍ରସନ୍ନ ହୋଇ ବରପ୍ରଦାନ କରିଥାନ୍ତି। ଆମ ଓଡ଼ିଆ ପର୍ବପର୍ବାଣି ଚାରୋଟି ଭାଗରେ ବିଭକ୍ତ। ସେଗୁଡ଼ିକ ହେଉଛି ଲୌକିକ, ଶାସ୍ତ୍ରୀୟ, ଆଞ୍ଚଳିକ ଓ କୃଷିଭିତ୍ତିକ। ଜ୍ୟୋତିଷ ଶାସ୍ତ୍ରର ତଥ୍ୟ ମୁତାବକ କାର୍ତ୍ତିକ ନକ୍ଷତ୍ରଯୁକ୍ତ ପୂର୍ଣ୍ଣିମା ପଡୁଥିବା ଚନ୍ଦ୍ର ମାସକୁ କାର୍ତ୍ତିକ ମାସ କୁହାଯାଏ। ଆବହମାନ ସମୟରୁ ପୋଥି, ପୁରାଣରେ ପଢ଼ି ଆସିଛୁ ଓ ଶୁଣି ଆସିଛୁ ମଧ୍ୟ କାର୍ତ୍ତିକ ମାସ ପରି ମାସ ନାହିଁ, ସତ୍ୟ ଯୁଗ ପରି ଯୁଗ ନାହିଁ। ବେଦ ସଦୃଶ ଶାସ୍ତ୍ର ନାହିଁ ଏବଂ ଗଙ୍ଗାପରି ତୀର୍ଥ ନାହିଁ। କାର୍ତ୍ତିକ ମାସ ଭଗବାନ ବିଷ୍ଣୁଙ୍କ ଅତି ପ୍ରିୟ ମାସ। ଏହି କାର୍ତ୍ତିକ ପୂର୍ଣ୍ଣିମାରେ ଭଗବାନ ବିଷ୍ଣୁ ମତ୍ସ୍ୟ ରୂପ ଧାରଣ କରି ପୃଥିବୀକୁ ରକ୍ଷା କରିଥିଲେ। ଏହା ମଧ୍ୟ ଧର୍ମୀୟ ମାସ ହୋଇଥିବାରୁ ଗାଁରୁ ସହର ଯାଏଁ ସମସ୍ତ ନରନାରୀ ଏହାକୁ ନିଷ୍ଠାର ସହିତ ପାଳନ କରିଥାନ୍ତି। କାର୍ତ୍ତିକ ମାସରେ ଧର୍ମ ଚେତନାର ବଡ଼ ଆବାହନୀ ହେଉଛି ଆମେ ସମସ୍ତେ ଆମ ଆଚରଣରେ ସ୍ୱଧର୍ମ ପାଳନ କରିବା, ଜୀବନକୁ ନୀତିନିଷ୍ଠ କରିବା, ଈଶ୍ୱର ପରାୟଣ ଜୀବନ ଓ ଇଷ୍ଟ ସମର୍ପିତ ଜୀବନ ଏହି ଉପଲବ୍ଧିକୁ ଗ୍ରହଣ କରିବା ସହ ନିଜକୁ ଧର୍ମ ଜ୍ୟୋତିର ଉଜ୍ଜ୍ୱଳରେ ଉଦ୍ଭାସିତ କରିବା।

ଶ୍ରୀମଦ୍ ଭାଗବତ ଅନୁସାରେ ଶ୍ରୀକୃଷ୍ଣ ହିଁ ପରମ ପୁରୁଷ। ଆଉ ସମସ୍ତେ ନାରୀ। ଅର୍ଥାତ୍, ଭଗବାନ ଶ୍ରୀକୃଷ୍ଣ ହିଁ ପରମାତ୍ମା ଆଉ ସମସ୍ତେ ଆତ୍ମା।

କାର୍ତ୍ତିକ ମାସର ଶେଷ ପାଞ୍ଚଦିନ ଅର୍ଥାତ୍ ଦେବଉତ୍‌ଥାପନ ବା ବଡ଼ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଦିନକୁ ପବିତ୍ର ପଞ୍ଚକ ଭାବେ ପାଳନ କରାଯାଇଥାଏ। ଏହା ମହାପଞ୍ଚକ, ବକ ପଞ୍ଚକ ବା ଭୀଷ୍ମ ପଞ୍ଚକ ବା ବିଷ୍ଣୁ ପଞ୍ଚକ ଭାବେ ମଧ୍ୟ ଜଣାଶୁଣା। ଯେଉଁମାନେ କାର୍ତ୍ତିକ ମାସ ସାରା ହବିଷ୍ୟ କରିପାରନ୍ତି ନାହିଁ, ସେମାନେ ଏହି ପାଞ୍ଚଦିନ ହବିଷ୍ୟ ପାଳନ କରନ୍ତି।





-*ସ୍ୱାଗତ ପରିଡ଼ା*
ମହାନଦୀ ବିହାର, କଟକ,

ଓଡ଼ିଶାର ଗାଁରୁ ବାଲି ଦ୍ୱୀପ ପର୍ଯ୍ୟନ୍ତ...

ମିଶନ ଶକ୍ତିର ଆଧୁନିକ ସାଧବ ବୋହୂଙ୍କ ସଫଳତାର କାହାଣୀ

ଅତୀତର ସେଇ ସ୍ୱର୍ଣ୍ଣିମ ଦିନମାନଙ୍କରେ, ବୋଇତର ପାଲ ଟାଣି ଉତ୍କଳର ସାଧବ ପୁଅମାନେ ଉତାଳ ଜଳରାଶିକୁ ପାର ହୋଇ ବାଲି ଦ୍ୱୀପର ତଟରେ କଳିଙ୍গର କଳା, ସଂସ୍କୃତି ଓ ସମୃଦ୍ଧିର ବିଜୟ ବୈଜୟନ୍ତୀ ଉଡ଼ାଇଥିଲେ। ଆଜି କାଳର ପ୍ରବାହରେ ସେହି ଐତିହାସିକ ପରମ୍ପରା ଏକ ନୂତନ ରୂପ ନେଇଛି; ଯେଉଁଠି ଓଡ଼ିଶାର ମାଟିର ମହକକୁ ସାଥିରେ ନେଇ ମିଶନ ଶକ୍ତିର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଆଧୁନିକ ଯୁଗର ସାଧବ ବୋହୂ ସାଜି ଦରିଆ ପାର ହେଉଛନ୍ତି। ସେମାନେ ଆଜି କେବଳ ସାଂସ୍କୃତିକ ଦୂତ ହୋଇ ରହିନାହାନ୍ତି, ବରଂ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ ଜଣେ ଜଣେ ସଫଳ ଉଦ୍ୟୋଗୀ ଏବଂ ନୂତନ ଓଡ଼ିଶାର ଅର୍ଥନୈତିକ ଜାଗରଣର ସାରଥୀ ପାଲଟିଛନ୍ତି। ନଭେମ୍ବର ୨୪ ଓ ୨୫ ତାରିଖରେ ଇଣ୍ଡୋନେସିଆର ମନୋରମ ବାଲି ଦ୍ୱୀପରେ ଅନୁଷ୍ଠିତ ହେବାକୁ ଥିବା 'ଓଡ଼ିଶା ପରବ'ରେ ରାଜ୍ୟର ତିନୋଟି ଭିନ୍ନ ପ୍ରାନ୍ତରୁ ଆସିଥିବା ତିନିଜଣ ଅସାଧାରଣ ନାରୀ ପ୍ରତିଭା ଏକତ୍ରିତ ହୋଇ, ଗ୍ରାମୀଣ ନାରୀଶକ୍ତି କିପରି ବିଶ୍ୱ ବଜାରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରେ, ତାହାର ଏକ ସ୍ୱର୍ଣ୍ଣିମ ଇତିହାସ ରଚନା କରିବାକୁ ଯାଉଛନ୍ତି। ପୁରୀ ଜିଲ୍ଲା ସଦର ବ୍ଲକ ମାଳତୀପାଟପୁର ପଂଚାୟତ ଅନ୍ତର୍ଗତ ଐତିହ୍ୟ ଗ୍ରାମ ରଘୁରାଜପୁରର ସଞ୍ଜୁ ସ୍ୱାଇଁ ପାରମ୍ପରିକ ପଟ୍ଟଚିତ୍ର କଳାକୁ ଡିଜିଟାଲ ଯୁଗର ଉଦ୍ୟୋଗରେ ପରିଣତ କରିଛନ୍ତି। ୨୦୧୦ ମସିହାରେ ୧୦ ଜଣ ସଦସ୍ୟାଙ୍କୁ ନେଇ ଗଠିତ 'ଓମ୍ ସ୍ୱୟଂ ସହାୟକ ଗୋଷ୍ଠୀ'ର ସଭାନେତ୍ରୀ ଭାବରେ ସେ ୬ଟି ପର୍ଯ୍ୟାୟରେ ଋଣ ସହାୟତା ପାଇଛନ୍ତି, ଯେଉଁଥିରେ ୨୦୨୬-୨୭ ଆର୍ଥିକ ବର୍ଷର ୧୦ ଲକ୍ଷ ଟଙ୍କାର ଋଣ ଅନ୍ତର୍ଭୁକ୍ତ। ରିଲାଏନ୍ସ, ବେଙ୍ଗାଲୁରୁର କଳା ସମ୍ପତ୍ତି ଏବଂ ମିମେରାକି ଭଳି ସଂସ୍ଥା ସହ ବଜାର ସଂଯୋଗ ସ୍ଥାପନ କରି ତଥା ଅନଲାଇନ୍ ପ୍ଲାଟଫର୍ମକୁ ଆପଣାଇ ସେ ଗ୍ରାମୀଣ କାରିଗରମାନଙ୍କୁ ସିଧାସଳଖ ବିଶ୍ୱ ବଜାର ସହ ଯୋଡ଼ିବାରେ ସଫଳ ହୋଇଛନ୍ତି। ସେହିପରି କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକ ନୂଆଗାଁର 'ମା ତାରା ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ'ର ସଦସ୍ୟା କେ. କୋମଳ କୁମାରୀ ଏକ ୫୦୦ ପକ୍ଷୀ ବିଶିଷ୍ଟ ବ୍ରଏଲର ଫାର୍ମରୁ ନିଜର ଯାତ୍ରା ଆରମ୍ଭ କରି ଆଜି ଛତୁ ଚାଷ, ଧୂପକାଠି, ନାବାର୍ଡ ସହାୟତାରେ ସାନିଟାରୀ ପ୍ୟାଡ୍, କଳା ହଳଦୀ ଏବଂ ବିଶ୍ୱପ୍ରସିଦ୍ଧ କୋଟପାଡ଼ ହସ୍ତତନ୍ତ ବ୍ୟବସାୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଜଣେ ସାଧାରଣ ଗୃହିଣୀରୁ 'ଲକ୍ଷପତି ଦିଦି' ହୋଇଥିବା କୋମଳ ଦିଲ୍ଲୀ, ବିଜୟୱାଡ଼ା, ରାଜସ୍ଥାନ, ରାଞ୍ଚି ଓ ମାଙ୍ଗାଲୋରର ଜାତୀୟ ସ୍ତରୀୟ ମେଳାରେ ସମ୍ମାନିତ ହେବା ପରେ ଏବେ ବାଲି ଦ୍ୱୀପରେ କୋଟପାଡ଼ ହସ୍ତତନ୍ତର ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି। ଅନ୍ୟପକ୍ଷରେ ମୟୂରଭଞ୍ଜ ଜିଲ୍ଲା ଶୂଳିଆପଦା ବ୍ଲକ ଫାନିଆ ପଞ୍ଚାୟତ ଅନ୍ତର୍ଗତ ଅନ୍ଧାରିସୋଲ ଗ୍ରାମର ୪୬ ବର୍ଷୀୟା ସୁମିତ୍ରା ବାରିକ ନିଜ ଅଞ୍ଚଳରେ ପ୍ରଚୁର ପରିମାଣରେ ମିଳୁଥିବା ସବାଇ ଘାସକୁ ଏକ ଅନ୍ତର୍ଜାତୀୟ ଲାଇଫଷ୍ଟାଇଲ ବ୍ରାଣ୍ଡରେ ପରିଣତ କରିଛନ୍ତି। 'ମା ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ' ଏବଂ ୨୦୧୪ ମସିହାରେ ୧୧ଟି ଗୋଷ୍ଠୀର ୮୦ ଜଣ ସଦସ୍ୟାଙ୍କୁ ନେଇ ଗଠିତ 'ଅନ୍ଧାରିବୁଡ଼ୀ ସବାଇ ଉତ୍ପାଦକ ଗୋଷ୍ଠୀ'ର ସଦସ୍ୟା ଭାବରେ ସେ ଓରମାସ ଠାରୁ ତାଲିମ ନେଇ କେବଳ ଦଉଡ଼ି ତିଆରିରେ ସୀମିତ ନରହି ସୋଫା ସେଟ୍, ଡାଇନିଂ ଟେବୁଲ, ବୁକକେସ୍, ପ୍ଲାଣ୍ଟର, କଣ୍ଟେଇ ଓ ଅଳଙ୍କାର ଭଳି ଆକର୍ଷଣୀୟ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି। ଗ୍ରାହକଙ୍କ ଚାହିଦା ପୂରଣ ପାଇଁ ବର୍ଷର ୩୬୫ ଦିନ କାମ କରୁଥିବା ସୁମିତ୍ରା ବାର୍ଷିକ ୧୫ରୁ ୨୦ ଲକ୍ଷ ଟଙ୍କାର ବିକ୍ରୟ କରି ୫ରୁ ୬ ଲକ୍ଷ ଟଙ୍କା ଲାଭ ପାଉଛନ୍ତି, ଯାହା ତାଙ୍କ ପିଲାଙ୍କ ପାଠପଢ଼ା ଓ ନୂଆ ଘର ତିଆରିରେ ସହାୟକ ହୋଇଛି। ସ୍ଥାନୀୟ ଓ ଜାତୀୟ ମେଳାରୁ ଆରମ୍ଭ ହୋଇଥିବା ତାଙ୍କର ଏହି ଯାତ୍ରା ଏବେ ବିଦେଶ ମାଟିରେ ପହଞ୍ଚିଛି ।

ପଞ୍ଚୁକରେ ପରିବାଦର ଆକାଶଛୁଆଁ: ଖାଉଟି ହନ୍ତସନ୍ତ

କଣ୍ଟିଲୋ (ନି.ପ୍ର) ଶୀତ ଋତୁ ଆରମ୍ଭରୁ ପନିପରିବା ଦର ଶସ୍ତା ହେବା ପରିବର୍ତ୍ତେ କଣ୍ଟିଲୋ ଓ ଏହାର ଆଖପାଖ ଅଞ୍ଚଳର ବଜାରରେ ଆକାଶଛୁଆଁ ହୋଇଥିବା ଜଣାପଡିଛି। ଅଦିନିଆ ଲଗାଣ ବର୍ଷାର ପ୍ରଭାବରେ ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଥିବା ଜଣାଯାଇଛି। ଏହାର ପ୍ରଭାବ ଏବେ ସାଧାରଣ ଖାଉଟିଙ୍କ ଉପରେ ପଡିଛି। ବଜାରରେ ଏବେ ଆଳୁ ଓ କଖାରୁକୁ ବାଦଦେଲେ ସମସ୍ତ ପନିପରିବାର ଦର ୭୦ ଟଙ୍କାରୁ ଉର୍ଦ୍ଧ୍ୱରେ ରହିଥିବା ଜଣାପଡିଛି। ବାଇଗଣ ଓ



ଟମାଟର ଦର କେଜି ପ୍ରତି ୬୦ ଓ ୪୦ ଟଙ୍କାରେ ବିକ୍ରୀ ହେଉଥିବା ବେଳେ କୋବି କେଜି ପ୍ରତି ୭୦ ଟଙ୍କାରେ ବିକ୍ରି ହେଉଛି। ପନିପରିବାର ଅହେତୁକ ଦର ବୃଦ୍ଧି ଯୋଗୁଁ ସାଧାରଣ ଖାଉଟିମାନେ ହନ୍ତସନ୍ତ ହେଉଥିବା ଜଣାପଡିଛି। ବିଶେଷ କରି ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ପରିବାରବର୍ଗ ପାଇଁ ପନିପରିବାର ମହଙ୍ଗା ଦର ବୋଝ ଉପରେ ଲଳିତା ବିତା ସଦୃଶ ହୋଇଛି। ଏପରିକି ୫୦୦ ଟଙ୍କାରେ ମଧ୍ୟ ପରିବା ବ୍ୟାଗ ପୂର୍ଣ୍ଣ ହେଉ ନଥିବା କଣ୍ଟିଲୋ ଅଞ୍ଚଳର ଅନେକ ଖାଉଟିଙ୍କ ଠାରୁ ଜଣାପଡିଛି। ଏ ଅଞ୍ଚଳର ଚାଷୀମାନେ ପ୍ରତିବର୍ଷ ପ୍ରଚୁର ପରିମାଣର ବାଇଗଣ , କାକୁଡି, ଜହ୍ନି ,ଝୁଲଣ, କଲରା ପ୍ରଭୃତି ଚାଷ କରିଥାନ୍ତି। କଣ୍ଟିଲୋ ଅଞ୍ଚଳରୁ କ୍ୱିଣ୍ଟାଲ କ୍ୱିଣ୍ଟାଲ ପନିପରିବା ଭୁବନେଶ୍ୱର, ଖୋର୍ଦ୍ଧା, କଳାପଥର ସମେତ ଆଖପାଖ ଅଞ୍ଚଳର ବଜାରକୁ ପଠାଇ ଚାଷୀମାନେ ବେଶ ଲାଭବାନ ହୋଇଥାନ୍ତି। ମାତ୍ର ଚଳିତବର୍ଷ ପରିସ୍ଥିତି ସଂପୂର୍ଣ୍ଣ ରୁପେ ବଦଳି ଯାଇଥିବା ଜଣାପଡିଛି।

ନୟାଗଡ଼ରେ ଐତିହାସିକ ବାଲିଯାତ୍ରା ରଥକୁ ସ୍ୱାଗତ



ନୟାଗଡ଼,(ନିପ୍ର): ଚଳିତ ନଭେମ୍ବର ମାସ ୨୪ ତାରିଖରୁ କଟକ ବାଲିଯାତ୍ରା ପଡ଼ିଆରେ ୧୦ ଦିନ ବ୍ୟାପୀ ଐତିହାସିକ ବାଲିଯାତ୍ରା ଅନୁଷ୍ଠିତ ହେବ। ବାଲିଯାତ୍ରାର ପ୍ରଚାର ପ୍ରସାର -ପାଇଁ କଟକଠାରୁ ବାହାରିଥିବା ଏକ ରଥ ବିଭିନ୍ନ ଜିଲ୍ଲା ପରିକ୍ରମା କରୁଛି। ଏହି ଅବସରରେ ଗତକାଲି ସନ୍ଧ୍ୟା ସମୟରେ ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ରଥ ପହଞ୍ଚିଥିଲା। ସେଠାରେ ଜିଲ୍ଲାପାଳ ମଧୁମିତା ରଥ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ଓ ଜିଲ୍ଲା ସଂସ୍କୃତି ଅଧିକାରୀ ସୁମିତ୍ରା ଭୂୟାଁ ରଥକୁ ସ୍ୱାଗତ କରିଥିଲେ।

ଜିଲ୍ଲାସ୍ତରୀୟ ଉତ୍କଳ କେଶରୀ ହରେକୃଷ୍ଣ ମହତାବ ଜୟନ୍ତୀ

କଟକ(ନିପ୍ର) : ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ,କଟକ ଉନ୍ନୟନ କର୍ତ୍ତୃପକ୍ଷ ଏବଂ କଟକ ମହାନଗର ନିଗମଙ୍କ ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ୧୨୭ତମ ଉତ୍କଳକେଶରୀ ଡଃ ହରେକୃଷ୍ଣ ମହତାବ ଜୟନ୍ତୀ ଆଜି ପ୍ରେସଛକସ୍ଥିତ ମହତାବଙ୍କ ପ୍ରତିମୂର୍ତ୍ତି ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଡଃ ମହତାବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ପ୍ରଦାନ କରି ଅତିଥିମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ପରେ ଏକ ଜୟନ୍ତୀ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଜୟନ୍ତୀ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ମନ୍ତ୍ରୀ, ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଡଃ ହରେକୃଷ୍ଣ ମହତାବ ଏକାଧାରାରେ ଜଣେ ଜନନାୟକ, ସ୍ୱାଧୀନତା ସଂଗ୍ରାମୀ, ସାମ୍ବାଦିକ, ନୀତି ନିର୍ଦ୍ଧାରକ ,ରାଜନୀତିଜ୍ଞ ତଥା ଦୂରଦର୍ଶୀ ରାଷ୍ଟ୍ରନୀତିଜ୍ଞ ଥିଲେ। ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟ ନିର୍ମାଣ ଓ ବିକାଶ କ୍ଷେତ୍ରରେ ତାଙ୍କର ଅବଦାନ ଅବିସ୍ମରଣୀୟ। ତାଙ୍କର ତ୍ୟାଗ, ସଂଘର୍ଷ ଓ ଜନସେବାର ଆଦର୍ଶ ଆଗାମୀ ପିଢ଼ି ପାଇଁ ସର୍ବଦା ପ୍ରେରଣା ହୋଇ ରହିବ ବୋଲି ସେ କହିଥିଲେ।

ସାଇବାବାଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଆରମ୍ଭ



ନିରାକାରପୁର,(ନିପ୍ର): ଶ୍ରୀ ଶ୍ରୀ ସାଇବାବାଙ୍କ ଅପାର କୃପା ଓ ଆଶୀର୍ବାଦ ଲାଭ କରିବା ଉଦ୍ଦେଶ୍ୟରେ ଖୋର୍ଦ୍ଧା ଜିଲ୍ଲାର ମଳିପଡ଼ା ଗ୍ରାମରେ ଶ୍ରୀ ଶ୍ରୀ ସାଇବାବାଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଶନିବାର ଠାରୁ ଆରମ୍ଭ ହୋଇଛି। ଏହି ଧାର୍ମିକ ଉତ୍ସବ ଆସନ୍ତା ୨୪ ନଭେମ୍ବର ମଙ୍ଗଳବାର ପର୍ଯ୍ୟନ୍ତ ଚାରିଦିନ ଧରି ଚାଲିବ। ଏହାକୁ ନେଇ ଗ୍ରାମରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିବାବେଳେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ଦିନ ଅର୍ଥାତ୍ ୨୧ ନଭେମ୍ବର ଶନିବାର ଦିନ ଶୁଭାଧିବାସ ଓ ଗଣ୍ଠିବନ୍ଧନ କାର୍ଯ୍ୟକ୍ରମ ରହିଛି। ସେହିପରି ୨୨ ନଭେମ୍ବର ରବିବାର ଦିନ କଳସଯାତ୍ରା ଓ କଳସ ଅଧିବାସ ଅନୁଷ୍ଠିତ ହେବ। ୨୩ ନଭେମ୍ବର ସୋମବାର ଦିନ ସୂର୍ଯ୍ୟପୂଜା, ଗୋପୂଜା, ନବଗ୍ରହ ପୂଜା ଓ ପ୍ରାସାଦ ଅଧିବାସ ଭଳି ଧାର୍ମିକ ବିଧିବିଧାନ ଅନୁଷ୍ଠିତ ହେବ। ଉତ୍ସବର ଶେଷ ଦିନ ୨୪ ନଭେମ୍ବର ମଙ୍ଗଳବାର ଦିନ ଦେବତା ଜୀବନ୍ୟାସ, ପ୍ରାଣପ୍ରତିଷ୍ଠା, ନଗର ଭ୍ରମଣ, ମନ୍ଦିର ପ୍ରବେଶ ଓ ସିଂହାସନ ଆରୋହଣ ଭଳି ମୁଖ୍ୟ କାର୍ଯ୍ୟକ୍ରମ ଦିବା ୧୨ଟା ସମୟରେ ଅନୁଷ୍ଠିତ ହେବ।

ଅର୍ଣ୍ଣବ ଓ ଅକଣ୍ଡ୍ୱାନ ବାତ୍ୟାରେ କ୍ଷତିଗ୍ରସ୍ତ ମତ୍ସ୍ୟଜୀବୀ ପରିବାର

ରମ୍ଭା(ନିପ୍ର): ଅର୍ଣ୍ଣବ ଓ ଅକଣ୍ଡ୍ୱାନ ବାତ୍ୟାରେ ସ୍ଥାନୀୟ ଅଞ୍ଚଳର ମତ୍ସ୍ୟଜୀବୀଙ୍କ କଚ୍ଚା ଘର ବା ଚାଳ ଛପର ଘର ଥିବାରୁ ଭାଙ୍ଗି ନଷ୍ଟ ସହିତ କ୍ଷୟକ୍ଷତି ଘଟିଛି। ଏପରିକି ସେମାନେ ଜରି ପାଲ ଘୋଡାଇ ଆଶ୍ରୟ ନେଇଛନ୍ତି। ଦୁଃଖଦ ସମୟରେ ବିଜେପି ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା ଘଟଣା ସ୍ଥଳରେ ପହଞ୍ଚି ଅନୁଧ୍ୟାନ କରି ପ୍ରଶାସନକୁ ଅବଗତ କରାଇଛନ୍ତି। ଏବଂ ସେମାନଙ୍କର ଚିଲିକାରେ ପ୍ରତିପୋଷଣ କରୁଥିବା ଜାଲ, କିଳା, ଡ଼ଙ୍ଗା ଓ ମେସିନି ହଜାର ହଜାର ଟଙ୍କାର କ୍ଷୟ କ୍ଷତି ହୋଇଛି, ବାରମ୍ବାର ପ୍ରାକୃତିକ ବନ୍ୟା ବାତ୍ୟା ଯୋଗୁଁ ଚିଲିକାକୁ ମାଛ ମାରିବା ପାଇଁ ପ୍ରଶାସନ ଜୀବିକା ବନ୍ଦ କରୁଛନ୍ତି ଫଳରେ ପରିବାର ପ୍ରତିପୋଷଣ କରିବାରେ ବ୍ୟାଘାତ ଘଟୁଛି, ତେଣୁ ଏହି ବ୍ୟାନ ସମୟରେ ଆର୍ଥିକ ସାହାଯ୍ୟ ସାଙ୍ଗକୁ କ୍ଷୟ କ୍ଷତି ପାଇଁ ସରକାରଙ୍କୁ ଅପ୍ତତି ଜଣାଇଛନ୍ତି। ଏହି ଅଞ୍ଚଳର କୃଷକ ଚାଷୀ ରବି ଫସଲ ଓ ଧାନ ଫସଲ ନଷ୍ଟ ହୋଇଛି ତାଙ୍କୁ ଉଚିତ କ୍ଷୟ କ୍ଷତି ଦେବାପାଇଁ ନିବେଦନ କରିଛନ୍ତି।

ବିରଞ୍ଚି ନାରାୟଣ ମନ୍ଦିର ପରିସରରେ ଐତିହ୍ୟ ସଂଗ୍ରହାଳୟ ଉଦ୍‌ଘାଟିତ



ବୁଗୁଡ଼ା,(ନିପ୍ର): ଗଞ୍ଜାମ ଜିଲ୍ଲା ବୁଗୁଡ଼ାର ପ୍ରସିଦ୍ଧ ପୁରାତନ ଐତିହ୍ୟସମ୍ପନ୍ନ ବିରଞ୍ଚି ନାରାୟଣ ମନ୍ଦିର ପରିସରରେ ଏକ ସୁନ୍ଦର ସଂଗ୍ରହାଳୟର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଏହାକୁ ମାନ୍ୟବର ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହି ସଂଗ୍ରହାଳୟକୁ ଉଦ୍‌ଘାଟନ କରିଥିଲେ। ଏହି ସଂଗ୍ରହାଳୟରେ ବୁଗୁଡ଼ା ଅଞ୍ଚଳର ପ୍ରାଚୀନ ଐତିହ୍ୟ ଓ କଳାସଂସ୍କୃତିର ପରିଚୟ ବହନ କରୁଥିବା ବହୁ ଦୁର୍ଲଭ ସାମଗ୍ରୀ ସ୍ଥାନ ପାଇଛି। ପୁରାତନ କାଷ୍ଠକଳା, ଦୁର୍ଲଭ ମୂର୍ତ୍ତି, ପଥର ଖୋଦେଇ କଳା ସହିତ ଏହି ପ୍ରାଚୀନ ରାଜାଙ୍କ ଅମଳରୁ ସଂରକ୍ଷିତ ହୋଇ ରହିଥିବା ବିଭିନ୍ନ ପ୍ରାଚୀନ ଯୁଦ୍ଧ ଅସ୍ତ୍ରଶସ୍ତ୍ର ଏହି ସଂଗ୍ରହାଳୟର ମୁଖ୍ୟ ଆକର୍ଷଣ ପାଲଟିଛି। ଏହି ସାମଗ୍ରୀଗୁଡ଼ିକ କେବଳ ପୁରାତନ କଳାର ନିଦର୍ଶନ ନୁହେଁ, ବରଂ ଆମ ପୂର୍ବପୁରୁଷଙ୍କ ଜୀବନଶୈଳୀ, ଶାସନ ବ୍ୟବସ୍ଥା ଓ ଯୁଦ୍ଧକଳାର ଇତିହାସକୁ ମଧ୍ୟ ପ୍ରତିଫଳିତ କରୁଛି। ବିଶେଷକରି, ବୁଗୁଡ଼ାର ଐତିହାସିକ ବିରଞ୍ଚି ନାରାୟଣ ମନ୍ଦିର ଏହି ଅଞ୍ଚଳର ପ୍ରାଚୀନ ସ୍ଥାପତ୍ୟ, ଧାର୍ମିକ ପରମ୍ପରା ଓ କଳାକୃତିର ଏକ ଅନନ୍ୟ ପରିଚୟ। ଏହି ପଦକ୍ଷେପ ଦ୍ୱାରା ଅଞ୍ଚଳର ଅମୂଲ୍ୟ ଐତିହ୍ୟ ଓ ପୁରାତନ କଳାକୃତିଗୁଡ଼ିକ ସଂରକ୍ଷିତ ହେବା ସହ ଆଗାମୀ ପିଢ଼ି ନିଜ ମାଟିର ଇତିହାସ, ପରମ୍ପରା ଓ ସାଂସ୍କୃତିକ ଗୌରବ ସମ୍ପର୍କରେ ଅବଗତ ହୋଇପାରିବେ। ଏଥିସହ ବିରଞ୍ଚି ନାରାୟଣ ମନ୍ଦିରର ଐତିହାସିକ ମହତ୍ତ୍ୱକୁ ଆହୁରି ବ୍ୟାପକ ପରିଚୟ ମିଳିବା ସହ ପର୍ଯ୍ୟଟକ ଓ ଐତିହାସିକ ଗବେଷକଙ୍କ ପାଇଁ ଏହା ଏକ ଆକର୍ଷଣୀୟ ସ୍ଥାନ ହୋଇପାରିବ ବୋଲି ଆଶା ପ୍ରକାଶ ପାଇଛି।

ସଜ୍ଜଡା ଯାଉଛି ବାଲିଯାତ୍ରା ପଡ଼ିଆ

କଟକ(ନିପ୍ର): ବର୍ଷା ଭିଜା ବାଲିଯାତ୍ରା ପଡିଆକୁ ସଜାଡ଼ିବା ଲାଗି ଏବେ ଖୁବ କସରତ ଚାଲିଛି। କାରଣ, ହାତରେ ଆଉ ମାତ୍ର ୨ ଦିନ ସମୟ। ଶୁକ୍ରବାର ଅପରାହ୍ନ ସୁଦ୍ଧା କଟକ ବାଲିଯାତ୍ରା ପଡିଆର ଅବସ୍ଥା ବେହାଲ ଥିଲା। ଯୁଆଡେ ଅନାଇଲେ କେବଳ ପାଣି ଏବଂ କାଦୁଅ। ହେଲେ ଆଜି ପାଗ ବଦଳିବା ସହ ଯାତ୍ରା ପଡିଆର ଚିତ୍ର ବି ବଦଳିଛି। ଯେଉଁ ମୁଖ୍ୟ ରାସ୍ତାରେ ପାଣି ଜମିଥିଲା, ଆଜି ସେସବୁ ସ୍ଥାନରେ ସୃଷ୍ଟି ହୋଇଥିବା ଗାତରେ ପଡୁଛି ବାଲି ଏବଂ ବଜୁରୀ। ମୁଖ୍ୟ ପେଣ୍ଡାଲ ସାମ୍ନାରେ ଟ୍ରିପ ଟ୍ରିପ ବଜୁରୀ ବିଛା ସରିଲାଣି। ଅବଶିଷ୍ଟ ସ୍ଥାନ ଗୁଡିକରେ ରାସ୍ତାକୁ ମରାମତି କରିବାରେ ବଡ଼ ବଡ଼ ମେସିନ ସବୁ ଲାଗିଛି। ଶୁକ୍ରବାର ରାତିରେ ଉଭୟ ଅଗ୍ନିଶମ ବାହିନୀ ଏବଂ କେଏମ୍‌ସି ଇଞ୍ଜିନିୟରିଂ ଟିମ୍ ମିଳିତ ଭାବେ ଯାତ୍ରା ପଡିଆରୁ ବର୍ଷା ଜଳ ନିଷ୍କାସନ କରିଥିଲେ। ଶନିବାର ପୂର୍ତ୍ତ ବିଭାଗ ପଡିଆକୁ ସମତଳ କରିବାର ଦାୟିତ୍ୱ ନେଇଛି। ଶନିବାର ସନ୍ଧ୍ୟା କିମ୍ବା ରବିବାର ପୂର୍ବାହ୍ନ ସୁଦ୍ଧା ବାଲିଯାତ୍ରା ପଡିଆ ବ୍ୟବହାର ଯୋଗ୍ୟ ହୋଇଯିବ ବୋଲି କୁହାଯାଉଛି। ସେପଟେ ପାଗ ଅନୁକୂଳ ହେବାରୁ ଯାତ୍ରା ପଡିଆରେ ଏବେ ପ୍ରସ୍ତୁତି ପର୍ବ ଆଗେଇଛି। ଶୁକ୍ରବାର ସୁଦ୍ଧା ଯେଉଁ ଦୋକି ମାଲିକ ମାନେ ରୋଜଗାରର ଆଶା ଛାଡିଦେଇଥିଲେ, ଶନିବାର ସେମାନେ ପୁନଃନିର୍ମାଣରେ ଲାଗି ପଡିଛନ୍ତି । ଷଲ୍ ଗୁଡିକର ନିର୍ମାଣ କାର୍ଯ୍ୟରେ ମଧ୍ୟ ଲାଗି ପଡିଲେଣି କାରିଗର। ତେବେ ଗଣକବି ବୈଷ୍ଣବ ପାଣି ମଞ୍ଚର ନିର୍ମାଣ କାମ ଟିକିଏ ଧିମେଇ ଯାଇଛି। ଯେହେତୁ ଏହି ମଞ୍ଚରେ ବସିବେ ରାଷ୍ଟ୍ରପତି, ତେଣୁ ନିର୍ମାଣ କାମ ପାଇଁ ଅଧିକ ସାବଧାନତା ଅବଲମ୍ବନ କରାଯାଉଛି। ତଥାପି ୭୦ ପ୍ରତିଶତ କାମ ସଜାଇଥିବା କହୁଛନ୍ତି ନିର୍ମାଣକାରୀ ସଂସ୍ଥା। ତେବେ ଖୁସିର କଥା ହେଲା, ବାଲିଯାତ୍ରା ପଡିଆରେ ବିଦ୍ୟୁତ ସଂଯୋଗ କାମ ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଛି।

ଦୁଇଗୁଣ ଟଙ୍କାର ସ୍ୱପ୍ନ ଦେଖାଇ ସେୟାର ବିକ୍ରି, ପରେ କମ୍ପାନୀ ଉଭାନ୍ ! ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ଧାମନଗରରେ ମାମଲା

ଧାମନଗର,(ନି.ପ୍ର.): ରାତାରାତି ନୁହେଁ, ମାତ୍ର ୬ ବର୍ଷରେ ଟଙ୍କା ଦୁଇଗୁଣ। ଏଭଳି ଆକର୍ଷଣୀୟ ପ୍ରତିଶ୍ରୁତି ଦେଖାଇ ସେୟାର କାରବାର ନାଁରେ ନିବେଶକଙ୍କୁ ଟଙ୍କା ଲଗାଇବାକୁ ପ୍ରଲୋଭିତ କରାଯାଇଥିବା ଅଭିଯୋଗ ଏବେ ଧାମନଗରରେ ହଇଚଇ ସୃଷ୍ଟି କରିଛି। ଟଙ୍କା ନିବେଶ କରି ସେୟାର ସାର୍ଟିଫିକେଟ୍ ପାଇବା ପରେ କମ୍ପାନୀ ବନ୍ଦ ହୋଇଗଲା, ହେଲେ ଫେରିଲାନି ନିବେଶ ଅର୍ଥ। ନିଜ ଟଙ୍କା ମାଗିବାରୁ ମିଳିଲା ଗାଳିଗୁଲଜ ଓ ଧମକ। ଶେଷରେ ନ୍ୟାୟ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିଲା ଅଭିଯୋଗକାରୀଙ୍କୁ। ହାଇକୋର୍ଟଙ୍କ ଆଦେଶ ପରେ ଧାମନଗର ଥାନାରେ ଦୁଇଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଏତଲାରେ ଦର୍ଶାଯାଇଥିବା ତଥ୍ୟ ଅନୁଯାୟୀ, ଧାମନଗରର ଖାନକା ବଜାର ନିକଟରେ 'ସନସାଇନ୍ ମାର୍କେଟ୍ ପ୍ଲସ୍ ଲିମିଟେଡ୍' ନାମକ ଏକ କମ୍ପାନୀର ଶାଖା ଖୋଲାଯାଇଥିଲା। ଏହାର ନିର୍ଦ୍ଦେଶକ ୬ ବର୍ଷରେ ନିବେଶ ଅର୍ଥ ଦୁଇଗୁଣ ହେବ ବୋଲି ପ୍ରଲୋଭନ ଦେଖାଇ ଲୋକଙ୍କୁ ସେୟାର କିଣିବାକୁ ଉତ୍ସାହିତ କରୁଥିଲେ। ଏହି ପ୍ରତିଶ୍ରୁତିରେ ଆକର୍ଷିତ ହୋଇ ଅଭିଯୋଗକାରୀ ସାହା ପତ୍ନୁ ନିଜ କଷ୍ଟାର୍ଜିତ ଅର୍ଥ ନିବେଶ କରି ୫ ହଜାର ସେୟାର କିଣିଥିଲେ। ଏଥିପାଇଁ ୨୦୨୩ ଫେବ୍ରୁଆରି ୨୮ ତାରିଖରେ ତାଙ୍କୁ ସେୟାର ସାର୍ଟିଫିକେଟ୍ ମଧ୍ୟ ମିଳିଥିଲା। ମାତ୍ର ପରବର୍ତ୍ତୀ ସମୟରେ କମ୍ପାନୀ ବନ୍ଦ ହୋଇଯିବାରୁ ନିବେଶ ଅର୍ଥ ଫେରି ପାଇବା ନେଇ ସେ ନିରାଶ ହୋଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ଅନୁସାରେ, ଅନ୍ୟ ଏକ ମାମଲାରେ ଜାମିନରେ ଆସି ସୟଦ ଗୋଲାମ ଅହମଦ ଧାମନଗରରେ ରହୁଥିବା ଜାଣିବା ପରେ ଅଭିଯୋଗକାରୀ ତାଙ୍କୁ ଭେଟି ନିବେଶ ଅର୍ଥ ଫେରସ୍ତ ମାଗିଥିଲେ। ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିବା ପରେ ଗତ ଅଗଷ୍ଟ ୫ ତାରିଖରେ ଅନ୍ୟ ଅଭିଯୁକ୍ତ ମୁଲ୍ଲା ମହମ୍ମଦ ଫଜଲେ ବାରୀ ତାଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ଟଙ୍କା ଆଉ ଫେରସ୍ତ ମିଳିବ ନାହିଁ ବୋଲି ଧମକ ଦେଇଥିବା ଅଭିଯୋଗ ହୋଇଛି। ଉଭୟ ଅଭିଯୁକ୍ତ ସମ୍ପର୍କରେ ଶଳା-ଭିଣୋଇ ବୋଲି ମଧ୍ୟ ଏତଲାରେ ଉଲ୍ଲେଖ ରହିଛି। ଘଟଣାକୁ ନେଇ ଅଭିଯୋଗକାରୀ ଅଗଷ୍ଟ ୧୩ ତାରିଖରେ ଧାମନଗର ଥାନାରେ ପ୍ରଥମେ ଏତଲା ଦେଇଥିଲେ। ମାତ୍ର ତାଙ୍କ ଅଭିଯୋଗ ଉପରେ ଆବଶ୍ୟକ ପଦକ୍ଷେପ ନିଆଯାଇନଥିବା ଦର୍ଶାଇ ସେ ହାଇକୋର୍ଟଙ୍କ ଆଶ୍ରୟ ନେଇଥିଲେ। ଏନେଇ ସେ ସିଆରଏଲଏମପି ନଂ ୧୪୭୩/୨୦୨୬ ଦାଖଲ କରିଥିଲେ। ଅକ୍ଟୋବର ୧ ତାରିଖରେ ହାଇକୋର୍ଟଙ୍କ ଆଦେଶ ପରେ ପୁନର୍ବାର ଏତଲା ଦାଖଲ ହୋଇଥିଲା। ଏହାପରେ ନଭେମ୍ବର ୨୦ ତାରିଖରେ ଧାମନଗର ଥାନା କେସ୍ ନଂ ୪୯୧/୨୦୨୬ ରୁଜୁ କରାଯାଇଛି।

ବାତ୍ୟା ଆକଣ୍ଡ୍ୱାନରେ ଉଜୁଡ଼ିଲା ଚାଷୀଙ୍କ ସ୍ୱପ୍ନ

ପାଣିରେ ବୁଡ଼ିଲା ପାଚିଲା ଧାନ ଫସଲ

ବୁଗୁଡ଼ା,(ନିପ୍ର): ବାତ୍ୟା ଆକ୍ୱାନର ପ୍ରଭାବରେ ଚାଷୀଙ୍କ ବର୍ଷକର ପରିଶ୍ରମ ଏବେ ପାଣିରେ ବୁଡ଼ିବାକୁ ବସିଛି। ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବ୍ଲକ ଅନ୍ତର୍ଗତ ବି. କରଡ଼ାବାଡ଼ି ଓ ବି. ବ୍ରହ୍ମପୁରର କଦମ୍ବ ମଠ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁଁ ବ୍ୟାପକ ଧାନ ଫସଲ ଜଳମଗ୍ନ ହୋଇପଡ଼ିଛି। ଅମଳ ସମୟରେ ପାଚିଲା ଧାନ ଜମିରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିବା ଫଳରେ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ବାତ୍ୟା ଅର୍ଣ୍ଣବ, ମୁରାସୁ ପରେ ଆକ୍ୱାନର ପ୍ରଭାବରେ ଲଗାତାର ବର୍ଷା ସାଙ୍ଗକୁ ବାଗୁଆ ଜଳଭଣ୍ଡାରରୁ ଆସୁଥିବା ଜଳ ଏବଂ ପାହାଡ଼ିଆ ଅଞ୍ଚଳରୁ ମାଡ଼ି ଆସୁଥିବା ଜଳସ୍ରୋତ ଧାନ ଜମିରେ ପ୍ରବେଶ କରିଛି। ଫଳରେ ପାଚିଲା ଧାନ ପାଣିରେ ବୁଡ଼ି ରହିବା ସହ କେତେକ ସ୍ଥାନରେ ତଳେ ପଡ଼ି ରହିଛି। ଏହାଦ୍ୱାରା ଧାନ ଅମଳ ନେଇ ଚାଷୀଙ୍କ ମନରେ ଆଶଙ୍କା ଦେଖାଦେଇଛି। ଏହି ବିପର୍ଯ୍ୟୟରେ ଭାଗଚାଷୀମାନେ ସର୍ବାଧିକ ପ୍ରଭାବିତ ହୋଇଛନ୍ତି। ଧାରକରଜ କରି



ଅନ୍ୟର ଜମିରେ ଚାଷ କରିଥିବା ଭାଗଚାଷୀଙ୍କ ପାଇଁ ଫସଲ ନଷ୍ଟ ହେବା ଦୁଇଗୁଣ ଚିନ୍ତାର କାରଣ ପାଲଟିଛି। ଚାଷୀଙ୍କ ବର୍ଷକର ଆହାର ଓ ଜୀବିକାର ଆଧାର ଧାନ ଫସଲ ନଷ୍ଟ ହେବା ଆଶଙ୍କା ମଧ୍ୟରେ କୃଷି ଓ ରାଜସ୍ୱ ବିଭାଗ ପକ୍ଷରୁ ତୁରନ୍ତ କ୍ଷେତ୍ର ପରିଦର୍ଶନ କରି କ୍ଷୟକ୍ଷତିର ଆକଳନ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଏଥିସହ ଭାଗଚାଷୀଙ୍କୁ ମଧ୍ୟ ଉପଯୁକ୍ତ କ୍ଷତିପୂରଣ ଓ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

ବନ୍ୟା ଓ ଲଗାଣ ବର୍ଷାରେ ଉଜୁଡ଼ିଲା ଶହ ଶହ ହେକ୍ଟର ଫସଲ



ଆସିକା, (ନିପ୍ର): ପ୍ରକୃତିର ତାଣ୍ଡବରେ ଉଜୁଡ଼ିଗଲା ଚାଷୀଙ୍କ ବର୍ଷକର ପରିଶ୍ରମ। ଧାନ ଅମଳ ସମୟ ପାଖେଇ ଆସୁଥିବା ବେଳେ ବନ୍ୟା ଓ ଲଗାଣ ବର୍ଷା ଚାଷୀଙ୍କ ମୁହଁରୁ ଛଡ଼ାଇ ନେଇଛି ହସ। ଋଣ କରି, ଝାଳବୁହା ପରିଶ୍ରମ କରି ଫସଲ ଅମଳ ଆଶାରେ ରହିଥିବା ଚାଷୀଙ୍କ ପାଇଁ ଏବେ ଚିନ୍ତାର କାରଣ ପାଲଟିଛି ପ୍ରାକୃତିକ ବିପର୍ଯ୍ୟୟ। ଆସିକା ବ୍ଲକର ଚଢ଼ିଆପଲ୍ଲୀ ଓ ଦେବଭୂମି ପଞ୍ଚାୟତର ଶହ ଶହ ଚାଷୀଙ୍କ ଜୀବିକା ଗୁରୁତର ଭାବେ ପ୍ରଭାବିତ ହୋଇଛି। ସୂଚନା ଅନୁଯାୟୀ, ଚଢ଼ିଆପଲ୍ଲୀ ପଞ୍ଚାୟତରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ପ୍ରାୟ ୭୦୦ ଭରଣ ଜମିର ଫସଲ

ତିଥି :(ତ୍ରୟୋଦଶୀ) : (ରେବତୀ, ଅଶ୍ୱିନ କ୍ଷୟ, ମୀନ)
ଅମୃତ ବେଳା: ପ୍ରାତଃ ୬।୫୫ରୁ ଘ ୯।୧୯ ମଧ୍ୟେ

ଆଜିର ଅନୁଚିନ୍ତନ

ରଜୋଗୁଣ ବୃଦ୍ଧି ହେଲେ ଲୋଭ, ପ୍ରବୃତ୍ତି , ଅଶାନ୍ତି ଆଦି ବୃତ୍ତି ଜାତ ହୁଅନ୍ତି।।
- ଶ୍ରୀମଦ୍ ଭଗବଦ୍ ଗୀତା

ଦକ୍ଷତା ପ୍ରତିପାଦିତ

ଏଭିଆନ୍ ଇନଫ୍ଲୁଏଞ୍ଜା (ଏଚ୍୫ଏନ୍୧) ବିରୋଧରେ ଭାରତର ପ୍ରଥମ ସ୍ୱଦେଶୀ କୁକୁଡା ଟିକା ନିକଟରେ ବିକଶିତ ହେବା ଓ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ ହେବା ବହୁ ଗୁରୁତ୍ୱ ରଖେ।ଗୁରୁତ୍ୱପୂର୍ଣ୍ଣ ଦିଗ ଯେ ମାତ୍ର ୧ରୁ ୨ ଟଙ୍କା ମୂଲ୍ୟରେ ଉପଲବ୍ଧ ଏହି ଟିକା ବାର୍ଡ ଫ୍ଲୁର ଏହି ନିର୍ଦ୍ଦିଷ୍ଟ ପ୍ରଜାତି ବିରୋଧରେ ବିଶ୍ୱର ପ୍ରଥମ ଟିକା ହୋଇଥିବାରୁ ଏହାକୁ ଏକ ବଡ଼ ସଫଳତା ବୋଲି ନିଶ୍ଚୟ କୁହାଯିବ। କୁକୁଡ଼ା ପାଳନ କ୍ଷେତ୍ରରେ ରୋଗ ନିୟନ୍ତ୍ରଣକୁ ସୁଦୃଢ଼ କରିବା ସହ ଲକ୍ଷ ଲକ୍ଷ କୁକୁଡ଼ା ଚାଷୀଙ୍କ ଜୀବିକା ସୁରକ୍ଷା ଏବଂ ପଶୁରୋଗ ଯୋଗୁଁ ହେଉଥିବା ବ୍ୟାପକ ଆର୍ଥିକ କ୍ଷତି ହ୍ରାସରେ ଏହା ଆଗକୁ ବେଶ୍ ସହାୟକ ହେବ।ଏହା ଆମ ଦେଶରେ ବୃଦ୍ଧି ପାଉଥିବା ବୈଜ୍ଞାନିକ ସାମର୍ଥ୍ୟକୁ ପ୍ରତିପାଦିତ ମଧ୍ୟ କରିଛି। ସ୍ମରଣ କରାଯାଇପାରେ ଯେ ଭାରତୀୟ ବୈଜ୍ଞାନିକମାନେ ପୂର୍ବରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ନେତୃତ୍ୱରେ ଗଠିତ ଏକ ଟାସ୍କ ଫୋର୍ସ ଜରିଆରେ ମାତ୍ର ନଅ ମାସ ମଧ୍ୟରେ ଦୁଇଟି ସ୍ୱଦେଶୀ କୋଭିଡ-୧୯ ଟିକା ବିକଶିତ କରି ବିଶ୍ୱକୁ ଏକଦା ଚକିତ କରିଥିଲେ।

ଏ ଦୃଷ୍ଟିରୁ ଦେଶର ପ୍ରଥମ ସ୍ୱଦେଶୀ ବାର୍ଡ ଫ୍ଲୁ ଟିକା ବିକଶିତ ହେବା ଭାରତର ବୈଜ୍ଞାନିକ ଶକ୍ତି ଏବଂ ଆତ୍ମନିର୍ଭରଶୀଳତାର ଏକ ଦୃଢ଼ ପ୍ରଦର୍ଶନ । ଭୋପାଳରେ ଆଇସିଏଆର-ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହାଇ ସିକ୍ୟୁରିଟି ଆନିମଲ୍ ଡିଜିଜ୍ (ଏନଆଇଏଚଏସଏଡି) ର ଏହି ସଫଳତା ପଶୁପାଳନ ଏବଂ କୁକୁଡ଼ା ପାଳନକୁ ସଂଜୀବନୀ ସଦୃଶ କେବଳ ନୁହେଁ ଗ୍ରାମୀଣ ଅର୍ଥବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ପାଲଟିଲା। ପଶୁପାଳନ କୃଷକମାନଙ୍କ ପାଇଁ 'ଚଳନ୍ତି ଏଟିଏମ୍', ଯାହା କୃଷି ସହିତ ମାସିକ ଆୟର ଏକ ନିୟମିତ ଉତ୍ସ ପ୍ରଦାନ କରିଥାଏ ।କେବଳ ସେତିକି ନୁହେଁ ଦେଶର ଜି. ଡି. ପି. ରେ ପଶୁପାଳନ କ୍ଷେତ୍ରରୁ ଆସୁଥିବା ଯୋଗଦାନ ୧୪ ପ୍ରତିଶତ ଥିବାବେଳେ କୁକୁଡ଼ା ପାଳନ କ୍ଷେତ୍ରର ଯୋଗଦାନ ୧ ପ୍ରତିଶତ ରହିଛି। ପ୍ରମୁଖ ପଶୁ ରୋଗ କାରଣରୁ ହେଉଥିବା ବ୍ୟାପକ ଆର୍ଥିକ ବୋଝ ବରାବର ରହିଆସିଛି । ଏକ ତଥ୍ୟ ଅନୁଯାୟୀ, ପଶୁଙ୍କ ପାଦ ଏବଂ ପାଟି ରୋଗରେ ହାରାହାରି ବାର୍ଷିକ ୨୨,୦୦୦ କୋଟି କ୍ଷତି ଘଟିଥାଏ। ଏ ପରିପ୍ରେକ୍ଷୀରେ ବାର୍ଡ ଫ୍ଲୁ ଟିକା ବିଶେଷ ସହାୟକ କେବଳ ହେବ ନାହିଁ ରୋଗାକ୍ରାନ୍ତ କୁକୁଡା ନିପାତ କ୍ଷେତ୍ରରେ ବରଦାନ ପାଲଟିବ।


ଦେଶରେ ପ୍ରଥମ ବାର୍ଡ ଫ୍ଲୁ ପ୍ରାଦୁର୍ଭାବ ୨୦୦୬ ମସିହାରେ ମହାରାଷ୍ଟ୍ରର ନବପୁରରେ ହୋଇଥିଲା, ଫଳସ୍ୱରୂପ ୧୦ ଲକ୍ଷ କୁକୁଡ଼ାଙ୍କ ମୃତ୍ୟୁ ଘଟିଥିଲା। ଏହି ସଂକ୍ରମଣକୁ ରୋକିବା ପାଇଁ ଲକ୍ଷ ଲକ୍ଷ ଅତିରିକ୍ତ ପକ୍ଷୀଙ୍କୁ ମାରି ପୋତିବାକୁ ପଡ଼ିଥିଲା। ପରବର୍ତ୍ତୀ ସମୟରେ, ୨୦୨୧ ମସିହାରେ ପାଖାପାଖି ୯ ଲକ୍ଷ କୁକୁଡ଼ାଙ୍କ ମୃତ୍ୟୁ ଘଟିଥିବା ବେଳେ, ଚଳିତ ବର୍ଷ ଆଉ ୨ ଲକ୍ଷ କୁକୁଡ଼ାଙ୍କ ମୃତ୍ୟୁ ଘଟିଛି। ୨୦୦୬ ମସିହାରୁ, ଭାରତରେ ୫୦୦ ରୁ ଅଧିକ ବାର୍ଡ ଫ୍ଲୁ ପ୍ରାଦୁର୍ଭାବ ଦେଖିବାକୁ ମିଳିଛି, ଯାହା କୁକୁଡ଼ା ଶିଳ୍ପକୁ ଯଥେଷ୍ଟ କ୍ଷତି ପହଞ୍ଚାଇଛି। ଏ ପରିପ୍ରେକ୍ଷୀରେ ନୂତନ ସ୍ୱଦେଶୀ ଟିକାର ମୂଲ୍ୟରେ ସ୍ୱଚ୍ଛତା ହେତୁ ଛୋଟ କୁକୁଡ଼ା ଚାଷୀ ଏହାକୁ ବହନ କରିପାରିବେ। ଆଗକୁ ପଶୁ ଓ ପକ୍ଷୀଙ୍କ ଅନ୍ୟାନ୍ୟ ରୋଗ ନିବାରଣ କ୍ଷେତ୍ରରେ ଆଲୋଚ୍ୟ ପ୍ରତିଷ୍ଠାନ ଅଧିକ ନୂଆ ଟିକା ବିକଶିତ ହେବା ଆମେ ଆଶା କରୁ । ଯାହା ଆଗାମୀ ଦିନରେ ବିଶ୍ୱକୁ ନାନା ଭାବରେ ସହାୟତା କରିପାରିବ।

ଧୈର୍ଯ୍ୟ ହିଁ ଶକ୍ତି, ସାହସ ହିଁ ଜୀବନ

ସୌଭାଗ୍ୟ ରଞ୍ଜନ ମହାନ୍ତି

ଗତକାଲିର ଦୁଃଖ ଗତକାଲିର ଅପମାନ ଗତକାଲିର ବିଫଳତା ସବୁକୁ ପଛରେ ରଖି ଆଗକୁ ବଢ଼ିବାକୁ ପଡ଼ିବ। କାରଣ ଯିଏ ଗତକାଲିକୁ ବୋହି ବୋହି ଚାଲେ ସେ ଆଜିର ଶାନ୍ତିକୁ କେବେ ପାଇ ପାରେ ନାହିଁ ଜୀବନ ଆମକୁ ପ୍ରତିଦିନ ପରୀକ୍ଷା କରେ କେତେବେଳେ ଅଭାବ ଦେଇ କେତେବେଳେ ଅପମାନ ଦେଇ କେତେବେଳେ ବିଚ୍ଛେଦ ଦେଇ କେତେବେଳେ ବିଫଳତା ଦେଇ। କିନ୍ତୁ ସେହି ପରୀକ୍ଷା ହିଁ ଆମକୁ ମଣିଷ କରେ ସେହି ପରୀକ୍ଷା ହିଁ ଆମକୁ ଶିଖାଏ ଯେ ଧୈର୍ଯ୍ୟ ବିନା କୌଣସି ବଡ଼ କାମ ହୁଏ ନାହିଁ ।

ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ଏକ ନୀରବ ମୂଲ୍ୟ ଲୁଚି ରହିଛି ଯାହାକୁ ଆମେ ଅନେକ ସମୟରେ ଦେଖିପାରୁ ନାହୁଁ । କିନ୍ତୁ ପ୍ରତ୍ୟେକ ନିଶ୍ୱାସରେ ଅନୁଭବ କରୁଛୁ । କାରଣ ଏ ସଂସାରରେ କିଛି ବି ବିନା ମୂଲ୍ୟରେ ମିଳେ ନାହିଁ ଏବଂ ଯାହା ମିଳେ ତାହା ପଛରେ କେଉଁଠି ନା କେଉଁଠି ତ୍ୟାଗ ଧୈର୍ଯ୍ୟ ସାହସ ଏବଂ ସମୟର ଏକ ନୀରବ ବଳିଦାନ ଥାଏ। ଆମେ ଯେଉଁ ଶାନ୍ତି ଚାହୁଁଛୁ ତାହା କେବଳ ଏକ ଶବ୍ଦ ନୁହେଁ ତାହା ଏକ ଅବସ୍ଥା ଏକ ସାଧନା ଏକ ଜୀବନଧାରା ଯାହାକୁ ପାଇବା ପାଇଁ ମଣିଷକୁ ନିଜ ଭିତରର ଅଶାନ୍ତି ସହିତ ପ୍ରତିଦିନ ଯୁଦ୍ଧ କରିବାକୁ ପଡ଼େ ନିଜ କ୍ରୋଧକୁ ଜିଣିବାକୁ ପଡ଼େ ନିଜ ଲୋଭକୁ ତ୍ୟାଗ କରିବାକୁ ପଡ଼େ । ନିଜ ଅହଙ୍କାରକୁ ଭାଙ୍ଗିବାକୁ ପଡ଼େ ଏବଂ ନିଜ ଭୁଲକୁ ସ୍ୱୀକାର କରିବାର ସାହସ ଆଣିବାକୁ ପଡ଼େ ଶାନ୍ତିର ମୂଲ୍ୟ ଟଙ୍କା ନୁହେଁ ସୁନା ନୁହେଁ ଜମି ନୁହେଁ ଶାନ୍ତିର ମୂଲ୍ୟ ହେଉଛି ଧୈର୍ଯ୍ୟ ଯାହା ଅପେକ୍ଷା କରିବା ଶିଖାଏ। ସାହସ ଯାହା ସତ୍ୟ କହିବା ଶିଖାଏ ଏବଂ ସତ୍ୟତା ଯାହା ନିଜ ସହିତ ଛିଡ଼ା ହେବା ଶିଖାଏ । ଆମେ ଯେତେବେଳେ ସକାଳେ ଉଠୁଛୁ ସେତେବେଳେ ସୂର୍ଯ୍ୟ ଆମକୁ କହୁଛି ଯେ ନୂଆ ଦିନ ନୂଆ ସୁଯୋଗ ନେଇ ଆସିଛି । କିନ୍ତୁ ସେ ସୁଯୋଗକୁ ଗ୍ରହଣ କରିବା ପାଇଁ ଆମକୁ ଗତକାଲିର ଭାର ଛାଡ଼ିବାକୁ ପଡ଼ିବ । ଗତକାଲିର ଦୁଃଖ ଗତକାଲିର ଅପମାନ ଗତକାଲିର ବିଫଳତା ସବୁକୁ ପଛରେ ରଖି ଆଗକୁ ବଢ଼ିବାକୁ ପଡ଼ିବ। କାରଣ ଯିଏ ଗତକାଲିକୁ ବୋହି ବୋହି ଚାଲେ ସେ ଆଜିର ଶାନ୍ତିକୁ କେବେ ପାଇ ପାରେ ନାହିଁ ଜୀବନ ଆମକୁ ପ୍ରତିଦିନ ପରୀକ୍ଷା କରେ କେତେବେଳେ ଅଭାବ ଦେଇ କେତେବେଳେ ଅପମାନ ଦେଇ କେତେବେଳେ ବିଚ୍ଛେଦ ଦେଇ। କେତେବେଳେ ବିଫଳତା ଦେଇ କିନ୍ତୁ ସେହି ପରୀକ୍ଷା ହିଁ ଆମକୁ ମଣିଷ କରେ । ସେହି ପରୀକ୍ଷା ହିଁ ଆମକୁ ଶିଖାଏ ଯେ ଧୈର୍ଯ୍ୟ ବିନା କୌଣସି ବଡ଼ କାମ ହୁଏ ନାହିଁ। ଏବଂ ଧୈର୍ଯ୍ୟ ହିଁ ସବୁଠାରୁ ବଡ଼ ଶକ୍ତି ଯିଏ ଅପେକ୍ଷା କରିପାରେ ସେ ହିଁ ଜିତିପାରେ ଯିଏ ସହିପାରେ ସେ ହିଁ ଶିଖିପାରେ ଯିଏ ଚୁପ୍ ରହିପାରେ ସେ ହିଁ ବୁଝିପାରେ ଆମ ସମାଜରେ ଆଜି ସମସ୍ତେ ଶୀଘ୍ର ଫଳ ଚାହୁଁଛନ୍ତି ଶୀଘ୍ର ସଫଳତା ଶୀଘ୍ର ସମ୍ମାନ ଶୀଘ୍ର ସୁଖ କିନ୍ତୁ ଭୁଲି ଯାଉଛନ୍ତି ଯେ ଗଛ ଗୋଟିଏ ଦିନରେ ବଡ଼ ହୁଏ ନାହିଁ ନଈ ଗୋଟିଏ ଦିନରେ ସାଗରକୁ ଯାଏ ନାହିଁ । ଶିଶୁ ଗୋଟିଏ ଦିନରେ ଚାଲିବା ଶିଖେ ନାହିଁ । ପ୍ରତ୍ୟେକ ବଡ଼ ଜିନିଷ ପଛରେ ଲମ୍ବା ଅପେକ୍ଷା ଅଛି ଲମ୍ବା ସାଧନା ଅଛି ଲମ୍ବା ତ୍ୟାଗ ଅଛି । ଆମେ ଯଦି ଶାନ୍ତି ଚାହୁଁଛୁ ତେବେ ଆମକୁ ପ୍ରଥମେ ନିଜ ମନକୁ ଶାନ୍ତ କରିବାକୁ ପଡ଼ିବ । ମନ ଯେତେବେଳେ ଚଞ୍ଚଳ ଥାଏ ସେତେବେଳେ ଘର ଅଶାନ୍ତ ହୁଏ ଘର ଯେତେବେଳେ ଅଶାନ୍ତ ହୁଏ ସେତେବେଳେ ଗାଁ ଅଶାନ୍ତ ହୁଏ। ଗାଁ ଯେତେବେଳେ ଅଶାନ୍ତ ହୁଏ ସେତେବେଳେ ସମାଜ ଅଶାନ୍ତ ହୁଏ । ଏବଂ ସମାଜ ଯେତେବେଳେ ଅଶାନ୍ତ ହୁଏ ସେତେବେଳେ ରାଜ୍ୟ ଏବଂ ଦେଶ ଅଶାନ୍ତ ହୁଏ । ତେଣୁ ଶାନ୍ତିର ଆରମ୍ଭ ନିଜ ଭିତରୁ ହିଁ ହୁଏ ନିଜ ମନକୁ ଜିଣିବା ହିଁ ସବୁଠାରୁ ବଡ଼ ବିଜୟ ନିଜ କ୍ରୋଧକୁ ଜିଣିବା ହିଁ ସବୁଠାରୁ ବଡ଼ ସାହସ । ନିଜ ଲୋଭକୁ ଜିଣିବା ହିଁ



ସବୁଠାରୁ ବଡ଼ ତ୍ୟାଗ । ଆମେ ଅନ୍ୟକୁ ବଦଳାଇବା ପାଇଁ ଚେଷ୍ଟା କରୁଛୁ । କିନ୍ତୁ ନିଜକୁ ବଦଳାଇବା ପାଇଁ ଭୁଲି ଯାଉଛୁ ଆମେ ଅନ୍ୟର ଭୁଲ୍ ଦେଖୁଛୁ। କିନ୍ତୁ ନିଜ ଭୁଲ୍ ଦେଖୁ ନାହୁଁ । ଆମେ ଅନ୍ୟର କଥା କହୁଛୁ କିନ୍ତୁ ନିଜ କଥା ଶୁଣୁ ନାହୁଁ । ଯେତେବେଳେ ମଣିଷ ନିଜ ଆଡ଼କୁ ଚାହିଁବ ସେତେବେଳେ ହିଁ ସେ ବୁଝିବ ଯେ ଶାନ୍ତି ବାହାରେ ନାହିଁ ଶାନ୍ତି ଭିତରେ ଅଛି । ଶାନ୍ତି କୌଣସି ଦୋକାନରେ ମିଳେ ନାହିଁ ଶାନ୍ତି କୌଣସି ପଦବୀରେ ମିଳେ ନାହିଁ । ଶାନ୍ତି କୌଣସି ଧନରେ ମିଳେ ନାହିଁ ଶାନ୍ତି ମିଳେ ନିଜ କର୍ମରେ। ନିଜ ବିଚାରରେ ନିଜ ବ୍ୟବହାରରେ ଯିଏ ସତ୍ୟ କହେ ସେ ଶାନ୍ତିରେ ଶୁଏ । ଯିଏ ମିଛ କହେ ସେ ଭୟରେ ଶୁଏ। ଯିଏ ପରକୁ ସାହାଯ୍ୟ କରେ ସେ ଶାନ୍ତିରେ ବଞ୍ଚେ ଯିଏ ପରକୁ କଷ୍ଟ ଦିଏ ସେ ଅଶାନ୍ତିରେ ବଞ୍ଚେ ଏହା ହିଁ ଜୀବନର ସରଳ ନିୟମ ଏହା ହିଁ ଧର୍ମର ସରଳ ସତ୍ୟ ଆମ ପୂର୍ବପୁରୁଷମାନେ କହିଛନ୍ତି ଯେ ଧୈର୍ଯ୍ୟ ହିଁ ଧର୍ମ ସାହସ ହିଁ କର୍ମ ଏବଂ ସତ୍ୟ ହିଁ ଜୀବନ ଆଜି ଆମେ ସେହି କଥାକୁ ଭୁଲି ଯାଇଛୁ ବୋଲି ଆମ ଘରେ ଅଶାନ୍ତି ଆମ ମନରେ ଅଶାନ୍ତି ଆମ ସମାଜରେ ଅଶାନ୍ତି ଆମେ ଯଦି ପୁଣି ସେହି ମୂଲ୍ୟବୋଧକୁ ଫେରି ଯିବା ତେବେ ଆମ ଜୀବନ ପୁଣି ଶାନ୍ତ ହେବ ଆମ ଘର ପୁଣି ସୁଖୀ ହେବ । ଆମ ଗାଁ ପୁଣି ଏକ ହେବ ଧୈର୍ଯ୍ୟର ଅର୍ଥ ହାର୍ ମାନିବା ନୁହେଁ ଧୈର୍ଯ୍ୟର ଅର୍ଥ ହେଉଛି । ସଠିକ୍ ସମୟକୁ ଅପେକ୍ଷା କରିବା ସଠିକ୍ କଥା କହିବା ଏବଂ ସଠିକ୍ କାମ କରିବା ସାହସର ଅର୍ଥ ଝଗଡ଼ା କରିବା ନୁହେଁ ସାହସର ଅର୍ଥ ହେଉଛି ଭୁଲ୍ ସାମ୍ନାରେ ଛିଡ଼ା ହେବା ସତ୍ୟ ସାମ୍ନାରେ ମୁଣ୍ଡ ନୁଆଁଇବା ଏବଂ ନିଜ ଭୁଲ୍ ପାଇଁ କ୍ଷମା ମାଗିବା ଏହି ଦୁଇ ଗୁଣ ଯାହା ପାଖରେ ଅଛି ସେ କେବେ ହାରେ ନାହିଁ । ସେ କେବେ ଭାଙ୍ଗେ ନାହିଁ ସେ କେବେ ଥକେ ନାହିଁ । କାରଣ ତାର ଶାନ୍ତି ବାହାର ଲୋକଙ୍କ ଉପରେ ନିର୍ଭର କରେ ନାହିଁ ତାର ଶାନ୍ତି ନିଜ ଭିତରେ ଥାଏ ଆମେ ପ୍ରତିଦିନ କିଛି ନା କିଛି ମୂଲ୍ୟ ଦେଉଛୁ କେତେବେଳେ ସମୟ ଦେଇ କେତେବେଳେ ଶକ୍ତି ଦେଇ କେତେବେଳେ ସ୍ନେହ ଦେଇ । କେତେବେଳେ କ୍ଷମା ଦେଇ। କିନ୍ତୁ ଆମେ ଜାଣୁ ନାହୁଁ ଯେ ସେହି ମୂଲ୍ୟ ହିଁ ଆମକୁ ବଡ଼ କରୁଛି ସେହି ମୂଲ୍ୟ ହିଁ ଆମକୁ ମଣିଷ କରୁଛି ଯିଏ ବିନା ମୂଲ୍ୟ ଦେଇ ସବୁ ପାଇବାକୁ ଚାହେଁ ସେ ଶେଷରେ କିଛି ପାଏ ନାହିଁ । ଯିଏ ମୂଲ୍ୟ ଦେବାକୁ ପ୍ରସ୍ତୁତ ଥାଏ ସେ ହିଁ ସବୁ ପାଏ ଶାନ୍ତି ପାଇବା ପାଇଁ ଆମକୁ କେତେବେଳେ ଚୁପ୍ ରହିବାକୁ ପଡ଼ିବ ଯେତେବେଳେ କହିବାକୁ ଇଚ୍ଛା ହେବ କେତେବେଳେ ଛାଡ଼ିବାକୁ ପଡ଼ିବ ଯେତେବେଳେ ଧରିବାକୁ ଇଚ୍ଛା ହେବ। କେତେବେଳେ କ୍ଷମା କରିବାକୁ ପଡ଼ିବ ଯେତେବେଳେ ପ୍ରତିଶୋଧ ନେବାକୁ ଇଚ୍ଛା ହେବ ଏହା ସହଜ ନୁହେଁ ଏହା କଷ୍ଟକର ଏହା ଯନ୍ତ୍ରଣାଦାୟକ। କିନ୍ତୁ ଏହା ହିଁ ସତ୍ୟ ଏହା ହିଁ ମାର୍ଗ ଶାନ୍ତିର ମାର୍ଗ କେବେ ସହଜ ହୋଇ ନାହିଁ ଶାନ୍ତିର ମାର୍ଗ ସବୁବେଳେ କଣ୍ଟକିତ ହୋଇଛି କିନ୍ତୁ ଯିଏ ସେହି ମାର୍ଗରେ ଚାଲେ ସେ ହିଁ ଶେଷରେ ସୁଖ ପାଏ। ଆଜିର ଯୁବକମାନଙ୍କୁ ଆମର ବାର୍ତ୍ତା ହେଉଛି ତୁମେ ଡର ନାହିଁ ତୁମେ ଥକ ନାହିଁ ତୁମେ ହାର ନାହିଁ । ତୁମ ଭିତରେ ଅସୀମ ଶକ୍ତି ଅଛି ତୁମ ଭିତରେ ଅସୀମ ସମ୍ଭାବନା ଅଛି । ତୁମେ ଯଦି ଧୈର୍ଯ୍ୟ ଧରିବ ତୁମେ ଯଦି ସାହସ ରଖିବ ତୁମେ ଯଦି ସତ୍ୟରେ ରହିବ ତେବେ ତୁମକୁ କେହି ଅଟକାଇ ପାରିବେ ନାହିଁ । ତୁମ ଶାନ୍ତି ତୁମ ହାତରେ ଅଛି ତୁମ ଭବିଷ୍ୟତ ତୁମ ହାତରେ ଅଛି ତୁମ ଜୀବନ ତୁମ ହାତରେ ଅଛି କେହି ତୁମ ଶାନ୍ତି ଛଡ଼ାଇ ନେଇ ପାରିବେ ନାହିଁ । ଯଦି ତୁମେ ନିଜେ ତାହାକୁ ଛାଡ଼ି ନ ଦିଅ କେହି ତୁମକୁ ଛୋଟ କରି ପାରିବେ ନାହିଁ । ଯଦି ତୁମେ ନିଜେ ନିଜକୁ ଛୋଟ ନ ଭାବ ଆମ ମାଟିର ସଂସ୍କୃତି ଆମକୁ ଶିଖାଇଛି ଯେ ସହିବା ହିଁ ଶକ୍ତି କ୍ଷମା କରିବା ହିଁ ବଡ଼ପଣ ଏବଂ ସେବା କରିବା ହିଁ ଧର୍ମ ଆମେ ସେହି ସଂସ୍କୃତିକୁ ବଞ୍ଚାଇ ରଖିବା ଆମେ ସେହି ସଂସ୍କୃତିକୁ ଆଗକୁ ନେବା ଏହା ହିଁ ଆମ କର୍ତ୍ତବ୍ୟ । ଏହା ହିଁ ଆମ ପରିଚୟ ଶେଷରେ ମନେ ରଖ ଜୀବନରେ ସବୁ କିଛିର ମୂଲ୍ୟ ଅଛି କିନ୍ତୁ ଶାନ୍ତିର ମୂଲ୍ୟ ସବୁଠାରୁ ମହାନ୍ କାରଣ ଶାନ୍ତି ବିନା ସୁଖ ନାହିଁ ଶାନ୍ତି ବିନା ପ୍ରେମ ନାହିଁ । ଶାନ୍ତି ବିନା ଜୀବନ ନାହିଁ । ତେଣୁ ଆସ ଆମେ ସମସ୍ତେ ଆଜି ଏହି ପ୍ରତିଜ୍ଞା କରିବା ଯେ ଆମେ ଧୈର୍ଯ୍ୟ ଧରିବା ଆମେ ସାହସ ରଖିବା । ଆମେ ସତ୍ୟରେ ରହିବା ଆମେ କ୍ଷମା କରିବା ଏବଂ ଆମେ ଶାନ୍ତିର ମୂଲ୍ୟ ଦେବା । କାରଣ ଯିଏ ଶାନ୍ତିର ମୂଲ୍ୟ ଦିଏ ସେ ହିଁ ପ୍ରକୃତ ସୁଖ ପାଏ ସେ ହିଁ ପ୍ରକୃତ ମଣିଷ ହୁଏ ସେ ହିଁ ପ୍ରକୃତ ବିଜୟୀ ହୁଏ।

ଭୁବନେଶ୍ୱର, ୯୪୩୭୯୪୩୭୯

ସୁନା ଦରରେ ବଡ଼ ହ୍ରାସ: କାରଣ ଓ ବଜାର ପ୍ରଭାବ

ଇଂ. ଅମର ବେହେରା

ବହୁମୂଲ୍ୟ ଧାତୁ ବଜାରରେ ଏକ ବଡ଼ ଧରଣର ପରିବର୍ତ୍ତନ ଦେଖିବାକୁ ମିଳିଛି, ଯେଉଁଠାରେ ସୁନା ଓ ରୁପା ଦରରେ ନିକଟ ଅତୀତର ସବୁଠାରୁ ବଡ଼ ହ୍ରାସ ଘଟିଛି । ୨୦୨୬ ବର୍ଷ ଆରମ୍ଭରେ ସୁନା ଦର ରେକର୍ଡ ସ୍ତର ଛୁଇଁଥିବା ବେଳେ, ଗତ ଦଶ ମାସ ମଧ୍ୟରେ ଏଥିରେ ପ୍ରାୟ ୩୭ ପ୍ରତିଶତ ଏବଂ ରୁପା ଦରରେ ୬୬ ପ୍ରତିଶତ ପର୍ଯ୍ୟନ୍ତ ବିପୁଳ ହ୍ରାସ ପରିଲକ୍ଷିତ ହୋଇଛି । ଏହି ହଠାତ୍ ଦର ହ୍ରାସ କେବଳ ଏକ ଘରୋଇ ପ୍ରକ୍ରିୟା ନୁହେଁ, ବରଂ ବିଶ୍ୱ ଅର୍ଥନୀତିର ବିଭିନ୍ନ ଚାପର ମିଳିତ ପରିଣାମ ଅଟେ, ଯାହା ଭାରତୀୟ ଆର୍ଥିକ ଏବଂ ଖୁଚୁରା ବଜାର ଉପରେ ମଧ୍ୟ ଗଭୀର ପ୍ରଭାବ ପକାଉଛି । ବିଶ୍ୱ ବଜାରରେ ସୁନା ଓ ରୁପା ଦର ହ୍ରାସ ପାଇବାର ମୁଖ୍ୟ କାରଣ ହେଉଛି ଯୁକ୍ତରାଷ୍ଟ୍ର ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ ବା ଫେଡେରାଲ ରିଜର୍ଭର ମୁଦ୍ରାନୀତିରେ ପରିବର୍ତ୍ତନ । ଅଶୋଧିତ ତୈଳ ଦର ବୃଦ୍ଧି ଯୋଗୁଁ ବିଶ୍ୱସ୍ତରରେ ମୁଦ୍ରାସ୍ଫୀତି ବଢ଼ିବାର ଆଶଙ୍କା ସୃଷ୍ଟି ହୋଇଛି, ଯାହା ଫଳରେ ଆସନ୍ତା ଡିସେମ୍ବର ମାସରେ ଆମେରିକୀୟ କେନ୍ଦ୍ରୀୟ ବ୍ୟାଙ୍କ ସୁଧ ହାର ବୃଦ୍ଧି କରିବାର ସମ୍ଭାବନା ପ୍ରବଳ ହୋଇଛି । ଯେତେବେଳେ ସୁଧ ହାର ଏବଂ ବଣ୍ଡରୁ ମିଳୁଥିବା ଲାଭ ବଢ଼େ, ସେତେବେଳେ ଆମେରିକୀୟ ଡଲାର ଅଧିକ ଶକ୍ତିଶାଳୀ ହୋଇଥାଏ । ଯେହେତୁ ସୁନା ରଖିବା ଦ୍ୱାରା କୌଣସି ନିୟମିତ ସୁଧ ମିଳେ ନାହିଁ, ତେଣୁ ବଡ଼ ବଡ଼ ବିଶ୍ୱସ୍ତରୀୟ ନିବେଶକମାନେ ସୁନା ଏବଂ ସୁନା ଆଧାରିତ ନିବେଶ ପାଣ୍ଠିରୁ ନିଜର ପୁଞ୍ଜି ପ୍ରତ୍ୟାହାର କରି ଅଧିକ ଲାଭ ଦେଉଥିବା ଡଲାର ସମ୍ପତ୍ତିରେ ନିବେଶ କରୁଛନ୍ତି । ଏହା ବ୍ୟତୀତ ପୂର୍ବରୁ ଦର ବୃଦ୍ଧି ସମୟରେ ଲାଭ ଉଠାଇବା ପାଇଁ ବ୍ୟବସାୟୀମାନେ ବ୍ୟାପକ ମାତ୍ରାରେ ସୁନା ବିକ୍ରି କରିବା ଆରମ୍ଭ କରିବାରୁ ଅନ୍ତର୍ଜାତୀୟ ବଜାରରେ ସୁନା ଦର ଆଉନ୍ସ ପିଛା ୪,୦୦୦ ଡଲାର ତଳକୁ ଖସି ଆସିଛି ଏବଂ ଭାରତୀୟ ବଜାରରେ ଏହା ଦଶ ଗ୍ରାମ ପିଛା ୧ ଲକ୍ଷ ୨୨ ହଜାର ଟଙ୍କା ପାଖାପାଖି ପହଞ୍ଚିଛି । ଏହି ବଜାର ଅସ୍ଥିରତା ମଧ୍ୟରେ ସାଧାରଣ ନିବେଶକ ଏବଂ ବଡ଼ ଆର୍ଥିକ ସଂସ୍ଥାମାନଙ୍କ ରଣନୀତିରେ ଏକ ବଡ଼ ପାର୍ଥକ୍ୟ ଦେଖିବାକୁ ମିଳୁଛି । ଗୋଟିଏ ପଟେ ସାଧାରଣ ନିବେଶକମାନେ ଭୟଭୀତ ହୋଇ ନିଜ ପାଖରେ ଥିବା ସୁନା ବିକ୍ରି କରିଦେଉଛନ୍ତି ଏବଂ ଗହଣା ଦୋକାନରେ ଗ୍ରାହକଙ୍କ ଚାହିଦା ବହୁ ବର୍ଷର ସର୍ବନିମ୍ନ ସ୍ତରକୁ ଖସି ଆସିଛି । ଅନ୍ୟପଟେ ବିଶ୍ୱର ବିଭିନ୍ନ ଦେଶର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଏହି କମ୍ ଦରର ସୁଯୋଗ ନେଇ ଶସ୍ତାରେ ବିପୁଳ ପରିମାଣର ସୁନା କିଣି ନିଜର ଭଣ୍ଡାର ସମୃଦ୍ଧ କରିବାରେ ଲାଗିଛନ୍ତି ।

ସାଧାରଣ ଅର୍ଥନୈତିକ ସୂଚକାଙ୍କ ବ୍ୟତୀତ ଏହି ଦର ହ୍ରାସ କାହା ପାଇଁ ଲାଭଦାୟକ ଏବଂ କାହା ପାଇଁ କ୍ଷତିକାରକ, ତାହା ବୁଝିବା ଅତ୍ୟନ୍ତ ଜରୁରୀ । ଭାରତୀୟ ପରିବାର ଏବଂ ବିବାହ ପାଇଁ ଗହଣା କିଣିବାକୁ ଅପେକ୍ଷା କରିଥିବା ଗ୍ରାହକମାନଙ୍କ ପାଇଁ ପାର୍ବଣ ଋତୁ ପରେ ଏବଂ ବିବାହ ଋତୁ ମଧ୍ୟରେ ଦର କମିବା ଏକ ବଡ଼ ଆଶ୍ୱସ୍ତି ଆଣିଦେଇଛି । ମାତ୍ର, ଏହି ଦ୍ରୁତ ଦର ହ୍ରାସ ଦେଶର ଦୁଇଟି ପ୍ରମୁଖ କ୍ଷେତ୍ର ଯଥା ସୁନା ଋଣ ପ୍ରଦାନକାରୀ ସଂସ୍ଥା ଏବଂ ବଡ଼ ଗହଣା ବ୍ୟବସାୟୀମାନଙ୍କ ପାଇଁ ଗମ୍ଭୀର ଆର୍ଥିକ ସଙ୍କଟ ସୃଷ୍ଟି କରିଛି । ସୁନା ଋଣ ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଗ୍ରାହକଙ୍କ ସୁନା ବନ୍ଧକ ରଖି ଋଣ ଦେଇଥାନ୍ତି । ଯଦି ଜଣେ ଗ୍ରାହକ ୧ ଲକ୍ଷ ୨୫ ହଜାର ଟଙ୍କା

ପୋଲ ନିର୍ମାଣ, ୫ଟି ଗ୍ରାମବାସିନ୍ଦା ଆଶ୍ୱସ୍ତ

ରାୟଗଡା,୨୧।୧୧ (ନିପ୍ର); ଦୀର୍ଘ ବର୍ଷର ଅପେକ୍ଷାର ଅନ୍ତ ଘଟିଛି। ଯାତାୟାତ ପାଇଁ ପଥ ସୁଗମ, ସହଜ ହେଲା ଯିବା ଆସିବା।ଘଟିଛି ଅସୁବିଧାର ଶେଷ। ଏଠାରେ ପ୍ରକାଶ ଯୋଗ୍ୟ ଯେ, ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ଇଚ୍ଛାପୁର ପଞ୍ଚାୟତର ଇଚ୍ଛାପୁର ଶିବ ମନ୍ଦିର ନିକଟରେ ଏକ ନୂତନ ପୋଲ ନିର୍ମାଣ ହେବା ଫଳରେ ଅଞ୍ଚଳର ୫ଟି ବିଚ୍ଛିନ୍ନ ହୋଇ ରହିଥିବା ଗ୍ରାମକୁ ଏବେ ଗମନାଗମନର ସୁବିଧା ଉପଲବ୍ଧ ହେବା ଫଳରେ ଲୋକେ ଉପକୃତ। 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରେ ବହୁ ବର୍ଷରୁ ଦାବି ହୋଇ ଆସୁଥିବା ଏହି ପୋଲ ସକାଶେ ୨୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇ ଏହି ପୋଲ ନିର୍ମାଣ କରାଯାଇଛି।ପ୍ରାପ୍ତ ସୂଚନା ପ୍ରକାରେ, ୨୦୧୭ ମସିହାରେ ହୋଇଥିବା ପ୍ରବଳ ବର୍ଷା ଓ ବନ୍ୟା ଜଳରେ ଇଚ୍ଛାପୁର ଗ୍ରାମ ଶିବ ମନ୍ଦିର ନିକଟସ୍ଥ ରାସ୍ତାଟି ସମ୍ପୂର୍ଣ୍ଣ ଭାବେ ବନ୍ୟା ଜଳରେ ଧୋଇ ହୋଇଯାଇ ଏହାର ଭୌଗୋଳିକ ସତ୍ତା ଲୋପ ପାଇଯାଇଥିଲା । ଫଳରେ ଡାଙ୍ଗବାଡ଼ି, ସାଙ୍ଗବାଲସା, କୁଟିଣିପଦର, ଲୋହାରାପଦର ଏବଂ ଗିରିଲିଗୁଡ଼ା ଭଳି ୫ଟି ଗ୍ରାମ ସମ୍ପୂର୍ଣ୍ଣ ଭାବେ ବିଚ୍ଛିନ୍ନ ହୋଇ ରହିଥିଲା। ସିଧାସଳଖ ଭାବେ ଯୋଗାଯୋଗ ବିଚ୍ଛିନ୍ନ ହେଇ ଗ୍ରାମବାସୀଙ୍କ ପାଇଁ ଏକ ଜଟିଳ ସମସ୍ୟା ସୃଷ୍ଟି କରିଥିଲା।ସଂଯୋଗ ବିଚ୍ଛିନ୍ନ ହୋଇଯାଇଥିବାରୁ ଗ୍ରାମବାସୀଙ୍କୁ ଯାତାୟାତ ପାଇଁ ୪ରୁ ୫ କିଲୋମିଟର ଅଧିକ ବାଟ ଅତିକ୍ରମ କରି ବୁଲି କରି ଯିବା ବ୍ୟତୀତ ଅନ୍ୟ କିଛି ଉପାୟ ନଥିଲା।

ଡାବୁଗାଁ ବ୍ଲକରେ ୬୭ ଶିକ୍ଷକଙ୍କ ପଦୋନ୍ନତି

ଡାବୁଗାଁ,୨୧।୧୧(ନିପ୍ର); ନବରଙ୍ଗପୁର ଡାବୁଗାଁ ବ୍ଲକରେ ମୋଟ ୬୭ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପଦୋନ୍ନତି ହୋଇଛନ୍ତି। ଏହି ଖୁସିର ମୁହୂର୍ତ୍ତରେ ଶିକ୍ଷକମାନଙ୍କ ସହ ଉପସ୍ଥିତ ଥିଲେ ଡାବୁଗାଁ ବ୍ଲକ ଶିକ୍ଷା ଅଧିକାରୀ ସୁକାନ୍ତ କର୍ତ୍ତମୀ, ଅତିରିକ୍ତ ଶିକ୍ଷା ଅଧିକାରୀ ଭଗବାନ ମାଝୀ, ସନ୍ତସ ସାହୁ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ। ଏହାକୁ ନେଇ ବ୍ଲକର ଶିକ୍ଷକ ମହଲରେ ଖୁସିର ଲହରୀ ଖେଳିଯାଇଛି। ପଦୋନ୍ନତି ବିବରଣୀ ଅନୁଯାୟୀ, ଲେଭଲ ଭିବିରୁ ଲେଭଲକୁ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭାବେ ୧୦ ଜଣ ପଦୋନ୍ନତି ପାଇଛନ୍ତି। ସେହିପରି ଲେଭଲ ଆଇଭି ସ୍ନାତକ ଶିକ୍ଷକ ଭାବେ କଳା ବିଭାଗରେ ୧୨ ଜଣ ଓ ବିଜ୍ଞାନ ବିଭାଗରେ ୮ ଜଣ ପଦୋନ୍ନତି ପାଇଛନ୍ତି। ଏହା ସହ ଲେଭଲ ଆଇଭି ରୁ ଲେଭଲ୍ ଭିବିକୁ କ୍ୟାଟେଗୋରୀ-୧ ରେ ୧୬ ଜଣ ଓ କ୍ୟାଟେଗୋରୀ-୨ ରେ ୨୧ ଜଣ ଶିକ୍ଷକ ପଦୋନ୍ନତି ପାଇଛନ୍ତି। ପଦୋନ୍ନତି ପାଇଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି। ପଦୋନ୍ନତି ପରେ ବ୍ଲକର ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷାଦାନ ଆହୁରି ସୁଦୃଢ଼ ହେବ ବୋଲି ଆଶା କରାଯାଉଛି।

ଶାସନ ସଚିବ ମାନସୀ ନିୟାଲଙ୍କ କାଶୀନଗର ଗସ୍ତ

କାଶୀନଗର,୨୧।୧୧ (ନିପ୍ର): କାଶୀନଗର ବ୍ଲକରେ ଆକସ୍ମିକ ବାତ୍ୟା ମୁକାବିଲା ପାଇଁ ସ୍ଥିତି ଅନୁଧ୍ୟାନ କରିବା ସକାଶେ ଗଜପତି ଜିଲ୍ଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ମାନସୀ ନିୟାଲ ଗସ୍ତରେ ଆସି ବାତ୍ୟାର ମୁକାବିଲା ନିମନ୍ତେ ବିଭିନ୍ନ ଅଞ୍ଚଳକୁ ପରିଦର୍ଶନ କରିବା ସହ କାଶୀନଗର ବ୍ଲକର ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ଦ୍ୱାରା ପରିଚାଳନା ହେଉଥିବା ବିଭିନ୍ନ ପ୍ରକାର ଜୀବିକା କେନ୍ଦ୍ରକୁ ଗସ୍ତ କରି ସ୍ୱୟଂ ସହାୟକ ମହିଳାମାନଙ୍କୁ ଜୀବିକା ମିଶନ ଦ୍ୱାରା ଆହୁରି କିପରି ମହିଳାମାନେ ଅଧିକରୁ ଅଧିକ ସାମିଲ ହୋଇ ଆତ୍ମ ନିର୍ଭର ଶୀଳ ହୋଇପାରିବେ ସେଥିପାଇଁ ପରାମର୍ଶ ପ୍ରଦାନ କରି ସେମାନେ ଲକ୍ଷ୍ୟପତି ଓ ମହା ଲକ୍ଷପତି ହେବା ପାଇଁ ଗୁରୁତ୍ୱ ଦେଇଥିଲେ। ସଚିବ ନିୟାଲ କେ ସୀତାପୁର ପଂଚାୟତ ସ୍ଥିତ ମା ବିନ୍ଧ୍ୟଗିରି ବାସିନୀ ଶଂ ଗ୍ରୁପ ଦ୍ୱାରା ପ୍ରସ୍ତୁତ ନାପକିନ ପେଡ, କଡା ଗୁଡାର ସିଲେଇ କେନ୍ଦ୍ର, ମାହେଶ୍ୱରୀ ଏସ ଏଚ ଜି କେନ୍ଦ୍ର ଦ୍ୱାରା ପ୍ରସ୍ତୁତ କାଜୁ ପ୍ରୋସେସିଙ୍ଗ କେନ୍ଦ୍ର ଓ ରାଜପୁର ଗ୍ରାମ ଗସ୍ତ କରି ସେଠାକାର ଏସ ଏଚ ଜି ମହିଳା ମାନଙ୍କ ଦ୍ୱାରା ପ୍ରସ୍ତୁତ ମୂର୍ତ୍ତି ପରିଦର୍ଶନ କରି ଥିଲେ। ସଚିବଙ୍କ ସହ ଏଡ଼ିଏମ ଗଜପତି ଫାଲ୍ଗୁନ ମାଝୀ, ସ୍ଥାନୀୟ ତହସିଲଦାର ସୁଧୀର କୁମାର ନନ୍ଦ, ଏବିଡ଼ିଓ ମାନସ ରଞ୍ଜନ ପ୍ରଧାନ, ଡ଼ିପିଏମ ତିମୋନ ବାର ଡିଜି ଶକ୍ତି ସନ୍ତୋଷ କୁମାର ସାହୁ , ସିଡ଼ିପି ଓ କେ କୋଶେଶ୍ୱରୀ, ବିପିସି ଲାବନ ରାଇତ ଓ ବିପିଏମ ଜଗନ ବାରିକ ଉପସ୍ଥିତ ଥିଲେ।

ଅଜଣା ବୃଦ୍ଧଙ୍କ ପାଇଁ ଆତ୍ମୀୟ ସାଜିଲା ସୋସିଆଲ ୱେଲଫେୟାର ଅର୍ଗାନାଇଜେସନ୍

ଭବାନୀପାଟଣା,୨୧।୧୧ (ନିପ୍ର): ରକ୍ତର ସମ୍ପର୍କ ନଥାଇ ବି ମଣିଷ ପ୍ରତି ମଣିଷର ଭଲପାଇବା ଓ ସେବା ମନୋଭାବ ଯେ ଏବେ ବି ଜୀବିତ ଅଛି, ତାହାର ଏକ ଉଦାହରଣ ସୃଷ୍ଟି କରିଛି ସୋସିଆଲ ୱେଲଫେୟାର ଅର୍ଗାନାଇଜେସନ୍, କଳାହାଣ୍ଡି। ଜଣେ ଅଜଣା, ଅଚିହ୍ନା ଓ ଅସହାୟ ବୃଦ୍ଧଙ୍କୁ ନିଜ ପରିବାରର ସଦସ୍ୟ ଭାବି ସେବା, ଶୁଶ୍ରୂଷା ଓ ଚିକିତ୍ସାରେ ସହଯୋଗ କରି ସଂଗଠନର ସଦସ୍ୟମାନେ ମାନବିକତାର ଏକ ନିଆରା ପରିଚୟ ଦେଇଛନ୍ତି। ସୂଚନା ଅନୁଯାୟୀ, ଜଣେ ଅଜଣା ବୃଦ୍ଧଙ୍କୁ ଆମ୍ବୁଲାନ୍ସ ଯୋଗେ ରୂପ୍ରାରୁ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଏହି ଦୁଃଖଦ ଖବର ସଂଗଠନର ମହିଳା ଜିଲ୍ଲା ସଭାନେତ୍ରୀ ଶାନ୍ତି ମାଝୀଙ୍କ ନିକଟରେ ପହଞ୍ଚିବା ମାତ୍ରେ ସେ ତୁରନ୍ତ ଡାକ୍ତରଖାନାରେ ପହଞ୍ଚି ବୃଦ୍ଧଙ୍କୁ ଭେଟିଥିଲେ। ତାଙ୍କର ଦୟନୀୟ ଅବସ୍ଥା ଦେଖି ସେ ନିଜେ ଯତ୍ନ ନେବା ସହ ଆବଶ୍ୟକୀୟ ଚିକିତ୍ସାରେ ସହଯୋଗ କରିଥିଲେ। ଗତ ୧୪ ନଭେମ୍ବର, ଶନିବାର ଶ୍ରୀମତୀ ମାଝୀ ନିଜେ ବୃଦ୍ଧଙ୍କ ଡ୍ରେସିଂ କରିଥିଲେ। ଏହାପରେ ନର୍ଲା ବି.ପି.ଏମ୍. ସମୀର ପ୍ରଧାନ ଓ ପି.ଏଚ୍.ଓ. ବିମଳ କୁମାର ଦୀପଙ୍କ ସହଯୋଗରେ ଏକ ଭଡ଼ା ଗାଡ଼ିର ବ୍ୟବସ୍ଥା କରାଯାଇ ବୃଦ୍ଧଙ୍କୁ ଅଧିକ ଚିକିତ୍ସା ପାଇଁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସଂଗଠନର ଦୁଇଜଣ ସକ୍ରିୟ ସଦସ୍ୟ ରାମେଶ୍ୱର ପୂଜାରୀ ଓ ତୁଷାର ଭୋଇ ବୃଦ୍ଧଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଇବାରେ ସହଯୋଗ କରିଥିଲେ। କିନ୍ତୁ ସଂଗଠନର ସେବା ଏତିକିରେ ସୀମିତ ରହିନଥିଲା। ପରବର୍ତ୍ତୀ ସମୟରେ ଶାନ୍ତି ମାଝୀ ପୁଣିଥରେ ନର୍ଲାରୁ ଭବାନୀପାଟଣା ଯାଇ ବୃଦ୍ଧଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ। ତାଙ୍କର ଅପରିଚ୍ଛନ୍ନ ଓ ଦୟନୀୟ ଅବସ୍ଥା ଦେଖି ସଂଗଠନର ଉପସଭାପତି ଭୋଲା ଶଙ୍କର ପାତ୍ର, ପିଟୁ କୁମାର ନାଏକ ଓ ମନୋଜ ଶବର ଆଗେଇ ଆସିଥିଲେ। ସେମାନେ ବୃଦ୍ଧଙ୍କ ଚୁଟି ଓ ଦାଢ଼ି କାଟିବା ସହ ତାଙ୍କୁ ନୂତନ ପୋଷାକ ପିନ୍ଧାଇ ସ୍ୱଚ୍ଛ ଓ ସୁନ୍ଦର ଭାବେ ରଖିବାର ବ୍ୟବସ୍ଥା କରିଥିଲେ। ପରେ ତାଙ୍କୁ ପୁଣିଥରେ ଡାକ୍ତରଖାନାରେ ନେଇ ଛାଡ଼ିଥିଲେ। ଏଥିସହ ଡାକ୍ତରଖାନାର କର୍ମଚାରୀମାନଙ୍କୁ ବୃଦ୍ଧଙ୍କ ଚିକିତ୍ସା ଓ ଯତ୍ନ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ କୌଣସି ସମସ୍ୟା ଦେଖାଦେଲେ ସଂଗଠନକୁ ଫୋନ୍ ମାଧ୍ୟମରେ ଜଣାଇବାକୁ ଅନୁରୋଧ କରିଥିଲେ। ଜଣେ ଅଜଣା ବୃଦ୍ଧଙ୍କ ପାଇଁନିଜର ସମୟ, ଶ୍ରମ ଓ ସେବା ଉତ୍ସର୍ଗ କରିଥିବା ସଂଗଠନର ଏହି ସଦସ୍ୟମାନଙ୍କ କାର୍ଯ୍ୟ ନିଶ୍ଚିତ ଭାବେ ପ୍ରଶଂସନୀୟ।

AFFIDAVIT

By virtue of an affidavit Sworn before the Executive Magistrate ,Champua , affidavit no 3580 dated 21/11/2026,I Gobardhan Barik S /o- Late Gourahari Barik of Village - Bala , Po- Kaunrikala , Ps-Baria , Dist -Keonjhar, 758032,Odisha, hereby changed the name of my son from Rajesh Barik (Old name) to Rudra Prasad Barik (New Name) Henceforth, He shall be known as Rudra Prasad Barik for all purposes

S/D- Gobardhan Barik .

ଜାଗା ନ ଦେଖି ଟେଣ୍ଡର, ଅଧାରୁ ସରିଲା ମାର୍କେଟ କମ୍ପ୍ଲେକ୍ସ

ଧାମନଗର,୨୧।୧୧(ନିପ୍ର); ସରକାରୀ ନିର୍ମାଣ କାର୍ଯ୍ୟରେ ସ୍ୱଚ୍ଛତା ଓ ନିୟମାବଳୀକୁ କିଭଳି ଅଣଦେଖା କରାଯାଉଛି, ତାହାର ଏକ ଜ୍ୱଳନ୍ତ ଉଦାହରଣ ଧାମନଗର ବ୍ଲକ ଅନ୍ତର୍ଗତ ଦୋବଲ କାଳୀପଡ଼ିଆଠାରେ ଦେଖିବାକୁ ମିଳିଛି। ଓଡ଼ିଶା ରାଜ୍ୟ କୃଷି ବିପଣନ ବୋର୍ଡ ଅଧୀନସ୍ଥ ଭଦ୍ରକ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଏଠାରେ ୧୫ଟି ଦୋକାନ ଘର ନିର୍ମାଣ ପାଇଁ ବ୍ୟୟବରାଦ ହୋଇଥିବା ବେଳେ ବାସ୍ତବରେ ମାତ୍ର ୭ଟି ଦୋକାନ ଘର ନିର୍ମାଣ କରାଯାଇ କାମ ସାରି ଦିଆଯାଇଥିବା ଅଭିଯୋଗ ହୋଇଛି। ଓଡ଼ିଶା ପବ୍ଲିକ ୱାର୍କ୍ସ ଡିପାର୍ଟମେଣ୍ଟ କୋଡ୍ ଏବଂ ସରକାରୀ ବିଧି ବ୍ୟବସ୍ଥାକୁ ଉଲ୍ଲଂଘନ କରି ଏହି ପ୍ରକଳ୍ପର ଅଟକଳ ଓ କାର୍ଯ୍ୟାନ୍ୱୟନ ହୋଇଥିବା ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମିଳିଥିବା ସରକାରୀ ତଥ୍ୟ ଅନୁଯାୟୀ, ଭଦ୍ରକ ଉପଜିଲ୍ଲାପାଳ ତଥା ଆରଏମସି ଅଧ୍ୟକ୍ଷଙ୍କ ପକ୍ଷରୁ ଗତ ୨୦୨୫ ମସିହା ଜୁଲାଇ ୯ ତାରିଖରେ ଏକ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଧାମନଗର ମାର୍କେଟ ୟାର୍ଡ, ୱାର୍ଡ ନଂ-୯ ଓ ୫ରେ ୫୦ଟି ମାଛ ବଜାର ସେଡ୍, ଡ୍ରେନେଜ୍ ବ୍ୟବସ୍ଥା ଏବଂ ଦୋବଲ କାଳୀପଡ଼ିଆସ୍ଥିତ ଖାତା ନମ୍ବର ୬୧୪, ପ୍ଲଟ ନମ୍ବର ୭୦୨ରେ



୧୫ଟି ଦୋକାନ ଘର ସହ ଆନୁଷଙ୍ଗିକ ଭିତ୍ତିଭୂମି ବିକାଶ ପାଇଁ ଗୋଟିଏ ପ୍ୟାକେଜରେ ପ୍ରାୟ ୧ କୋଟି ୮୭ ଲକ୍ଷ ୬୬ ହଜାର ୨୬୦ ଟଙ୍କାର ବ୍ୟୟବରାଦ ହୋଇଥିଲା। ୨୮୦ ଦିନ ମଧ୍ୟରେ କାମ ଶେଷ କରିବାକୁ ସମୟସୀମା ଧାର୍ଯ୍ୟ ହୋଇଥିବା ବେଳେ ଏଥିମଧ୍ୟରୁ କେବଳ ଦୋବଲ କାଳୀପଡ଼ିଆର ୧୫ଟି ଦୋକାନ ଘର ପାଇଁ ୩୦ରୁ ୪୦ ଲକ୍ଷ ଟଙ୍କା ଆକଳନ କରାଯାଇଥିଲା।ଅଭିଯୋଗ ଅନୁଯାୟୀ, ସଂପୃକ୍ତ ଠିକାଦାର ଏଠାରେ ୧୫ଟି ପରିବର୍ତ୍ତେ ମାତ୍ର ୭ଟି ଦୋକାନ ଘର ନିର୍ମାଣ କରିଛନ୍ତି।

ପ୍ରଥମ ମହଲାରେ ଅବଶିଷ୍ଟ ଦୋକାନ ଘର ନିର୍ମାଣ ହେବା ନେଇ ଯେଉଁ ଆଶା କରାଯାଉଥିଲା, ତାହା ମଧ୍ୟ ଏବେ କ୍ଷୀଣ ହୋଇଯାଇଛି। କାରଣ ନିର୍ମାଣାଧୀନ କୋଠାର ସିଡ଼ି ଘର ଉପରେ ଛାତ ପଡ଼ି କବାଟ ଲଗାଇ ଦିଆଯାଇଛି, ଯାହାଦ୍ୱାରା ଉପର ମହଲାରେ ଆଉ ଦୋକାନ ଘର ନିର୍ମାଣ ହେବାର କୌଣସି ଯୋଜନା ନଥିବା ସ୍ପଷ୍ଟ ଜଣାପଡୁଛି। ଏ ସମ୍ପର୍କରେ ଭଦ୍ରକ ଆରଏମସିର କନିଷ୍ଠ ଯନ୍ତ୍ରୀଙ୍କୁ ପଚରାଯିବାରୁ ସେ ସ୍ଥାନ ଅଭାବର କାରଣ ଦର୍ଶାଇଛନ୍ତି।

ତାଙ୍କ ସୂଚନା ଅନୁଯାୟୀ, ସମ୍ପୃକ୍ତ ସ୍ଥାନରେ ୧୫ଟି ଦୋକାନ ଘର ନିର୍ମାଣ ପାଇଁ ଆବଶ୍ୟକ ଜାଗା ନଥିବାରୁ ୭ଟି ଦୋକାନ ଘର ନିର୍ମାଣ କରି କାମ ସାରି ଦିଆଯାଇଛି। ତେବେ ୧୫ଟି ଦୋକାନ ଘର ବାବଦକୁ ଥିବା ବଳକା ଅର୍ଥରେ ଦୋକାନ ଘର ସାମ୍ନା ଅଂଶକୁ କଂକ୍ରିଟ୍ କରାଯିବା ସହ ପାର୍କିଂ ସ୍ଥାନରେ ପେବର ବ୍ଲକ ପକାଯିବ ବୋଲି ସେ କହିଛନ୍ତି। କନିଷ୍ଠ ଯନ୍ତ୍ରୀଙ୍କ ଏଭଳି ବୟାନ ପରେ ପ୍ରକଳ୍ପର ପ୍ରାରମ୍ଭିକ ପ୍ରକ୍ରିୟାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାରୀ ନିୟମ ଓ ଓଫିତବୁଡ଼ି କୋଡ୍ ଅନୁଯାୟୀ, କୌଣସି ନିର୍ମାଣ କାର୍ଯ୍ୟ ପୂର୍ବରୁ ପ୍ରଥମେ ଆବଶ୍ୟକତା ନିରୂପଣ କରାଯାଏ ଏବଂ ତହସିଲ ବା ରାଜସ୍ୱ ବିଭାଗ ମାଧ୍ୟମରେ ଜମିର କିସମ, ମାଲିକାନା ଓ କ୍ଷେତ୍ରଫଳ ଯାଞ୍ଚ କରାଯାଏ। ଏହାପରେ ବୈଷୟିକ ଅଧିକାରୀମାନେ ସ୍ଥାନ ପରିଦର୍ଶନ କରି ମାପଚୁପ ଓ ମାଟି ପରୀକ୍ଷା କରିବା ସହ ନକ୍ସା ଓ ବିସ୍ତୃତ ଅଟକଳ ପ୍ରସ୍ତୁତ କରିଥାନ୍ତି। ବୈଷୟିକ ମଞ୍ଜୁରୀ ଓ ପ୍ରଶାସନିକ ଅନୁମୋଦନ ମିଳିବା ପରେ ହିଁ ଟେଣ୍ଡର ଆହ୍ୱାନ କରାଯାଏ।ଯଦି ପ୍ରକଳ୍ପ ଆରମ୍ଭ ପୂର୍ବରୁ ଏତେସବୁ ଯାଞ୍ଚ ବ୍ୟବସ୍ଥା ରହିଛି, ତେବେ ଦୋବଲ କାଳୀପଡ଼ିଆରେ ଜାଗା ନ ମାପି କିଭଳି ୧୫ଟି ଦୋକାନ ଘର ପାଇଁ ନକ୍ସା ଓ ଅଟକଳ ପ୍ରସ୍ତୁତ ହେଲା ? ଯଦି ସେଠାରେ ଜାଗା ଅଭାବ ଥିଲା, ତେବେ ଟେଣ୍ଡର ପୂର୍ବରୁ ତାହା କାହିଁକି ଜଣାପଡ଼ିଲା ନାହିଁ? ଏବଂ ବିନା ବୈଷୟିକ ସଂଶୋଧନ ବା ସକ୍ଷମ କର୍ତ୍ତୃପକ୍ଷଙ୍କ ଅନୁମତିରେ ୧୫ଟି ଦୋକାନ ଘରର ଅର୍ଥକୁ କଂକ୍ରିଟ୍ ଓ ପେବର ବ୍ଲକ କାମରେ ଖର୍ଚ୍ଚ କରିବାକୁ କିପରି ନିଷ୍ପତ୍ତି ନିଆଗଲା, ତାହାକୁ ନେଇ ବୁଦ୍ଧିଜୀବୀ ମହଲରେ ସନ୍ଦେହ ଘନୀଭୂତ ହୋଇଛି।

ମିଛ ରିପୋର୍ଟ ଧରା ପକାଇଲା ପଞ୍ଚାୟତ ଅଧିକାରୀଙ୍କ ରିଲିଫ ହଡ଼ପ କାରସାଦି

ହିଞ୍ଜିଳିକାଟୁ/ଶେରଗଡ,୨୧/୧୧(ନି.ପ୍ର): ଗଞ୍ଜାମ ଜିଲ୍ଲା ଶେରଗଡ ବ୍ଲକ ପିଚଳ ପଞ୍ଚାୟତରୁ ଏକ ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି। ବାତ୍ୟା ଅକଓ୍ୱାନର ସଫଳ ପରିଚାଳନା ପାଇଁ ପ୍ରଶାସନ ସତର୍କ ଓ ସଜାଗ ରହି ରିଲିଫ କାର୍ଯ୍ୟ ତଦାରଖ କରୁଥିବା ବେଳେ ପଞ୍ଚାୟତରେ ରନ୍ଧା ଖାଦ୍ୟ ଯୋଗାଣ ବାବଦରେ ପିଇଓଙ୍କ ମିଛ ରିପୋର୍ଟକୁ ଧରିଛନ୍ତି ବ୍ଲକ ପ୍ରଶାସନ। ଗ୍ରାମବାସୀଙ୍କ ଅଭିଯୋଗ ପରେ ପିଇଓଙ୍କ ରିଲିଫ ସାମଗ୍ରୀ ହଡ଼ପ କାରସାଦି ଫସର ଫାଟିଯାଇ ପଦାରେ ପଡିଛି। ଏଭଳି ସମ୍ବେଦନଶୀଳ ଘଟଣା ପରେ ସମ୍ପୃକ୍ତ ଅସାଧୁ ପିଇଓଙ୍କୁ ରିଲିଫ ବଣ୍ଟନ ଦାୟିତ୍ୱରୁ ହଟାଇ ଦିଆଯାଇଛି। ସୂଚନା ମୁତାବକ, ଶେରଗଡ ବ୍ଲକ ବିଡିଓ ତୃପ୍ତିମୟୀ ଜେନା ପିଚଳ ପଞ୍ଚାୟତରେ ଆସନ୍ନ ବାତ୍ୟା ଅକଓ୍ୱାନ ପ୍ରଭାବିତଙ୍କ ପାଇଁ ରନ୍ଧା ଖାଦ୍ୟ ଯୋଗାଣ ପାଇଁ ଆବଶ୍ୟକ ସାମଗ୍ରୀର ବନ୍ଦୋବସ୍ତ କରିଥିଲେ। ବାତ୍ୟା ଆଶ୍ରୟସ୍ଥଳୀରେ ତିନି ହଜାର ଗରିବ,ଅସହାୟ ଲୋକଙ୍କୁ ଦୁଇ ଓଳି ରନ୍ଧା ଖାଦ୍ୟ ପ୍ରସ୍ତୁତ ଦେବା ପାଇଁ ପିଚଳ ପଞ୍ଚାୟତର ପିଇଓ କାଳୁ ଚରଣ ସ୍ୱାଇଁଙ୍କୁ ଦାୟିତ୍ୱ ଦିଆ ଯାଇଥିଲା। ଗୁରୁବାର ପଞ୍ଚାୟତ ପକ୍ଷରୁ ରନ୍ଧା ଖାଦ୍ୟ ଯୋଗାଣ ପାଇଁ ବ୍ୟବସ୍ଥା ରହିଥିଲେ ମଧ୍ୟ ବାତ୍ୟା ଆଶ୍ରୟସ୍ଥଳୀରେ ଜଣେ ବି ଲୋକଙ୍କୁ ରନ୍ଧା ଖାଦ୍ୟ ଦିଆଯାଇ ନ ଥିଲା। ବରଂ ବାତ୍ୟା ଆଶ୍ରୟସ୍ଥଳୀରେ ଡାଲ। ପଡ଼ିଥିବା ଜଣାପଡ଼ିଥିଲା। ମାତ୍ର ପିଇଓ ଜଣକ ଚଞ୍ଚକତା କରି କାଗଜ ପତ୍ରରେ ରନ୍ଧା ଖାଦ୍ୟ ଯୋଗାଣ ହୋଇଛି ବୋଲି ବ୍ଲକ ପ୍ରଶାସନକୁ ମିଛ ରିପୋର୍ଟ ପ୍ରଦାନ କରିଥିଲେ। ଏ ବିଷୟରେ ଗ୍ରାମର ପିଙ୍କୁ ପରିଡ଼ା, କାଳୁ ଚରଣ ମଲ୍ଲିକ, ଦିଲ୍ଲୀପ ବେହେରା, ସଞ୍ଜୟ ପ୍ରଧାନ, ରୁଦ୍ର ନାଥ ପ୍ରଧାନଙ୍କ ସମେତ କିଛି ଗ୍ରାମବାସୀ ବିଡ଼ିଓଙ୍କୁ ଅଭିଯୋଗ କରିଥିଲେ। ଖବର ପାଇ ରାତି ପ୍ରାୟ ୧୦ ଘଣ୍ଟା ସମୟରେ ବିଡ଼ିଓଙ୍କ ସହ ବେଳେ ଏଥିମଧ୍ୟରୁ କେବଳ ଦୋବଲ କାଳୀପଡ଼ିଆର ୧୫ଟି ଦୋକାନ ଘର ପାଇଁ ୩୦ରୁ ୪୦ ଲକ୍ଷ ଟଙ୍କା ଆକଳନ କରାଯାଇଥିଲା।ଅଭିଯୋଗ ଅନୁଯାୟୀ, ସଂପୃକ୍ତ ଠିକାଦାର ଏଠାରେ ୧୫ଟି ପରିବର୍ତ୍ତେ ମାତ୍ର ୭ଟି ଦୋକାନ ଘର ନିର୍ମାଣ କରିଛନ୍ତି।

ପ୍ରଥମ ମହଲାରେ ଅବଶିଷ୍ଟ ଦୋକାନ ଘର ନିର୍ମାଣ ହେବା ନେଇ ଯେଉଁ ଆଶା କରାଯାଉଥିଲା, ତାହା ମଧ୍ୟ ଏବେ କ୍ଷୀଣ ହୋଇଯାଇଛି। କାରଣ ନିର୍ମାଣାଧୀନ କୋଠାର ସିଡ଼ି ଘର ଉପରେ ଛାତ ପଡ଼ି କବାଟ ଲଗାଇ ଦିଆଯାଇଛି, ଯାହାଦ୍ୱାରା ଉପର ମହଲାରେ ଆଉ ଦୋକାନ ଘର ନିର୍ମାଣ ହେବାର କୌଣସି ଯୋଜନା ନଥିବା ସ୍ପଷ୍ଟ ଜଣାପଡୁଛି। ଏ ସମ୍ପର୍କରେ ଭଦ୍ରକ ଆରଏମସିର କନିଷ୍ଠ ଯନ୍ତ୍ରୀଙ୍କୁ ପଚରାଯିବାରୁ ସେ ସ୍ଥାନ ଅଭାବର କାରଣ ଦର୍ଶାଇଛନ୍ତି।

ତାଙ୍କ ସୂଚନା ଅନୁଯାୟୀ, ସମ୍ପୃକ୍ତ ସ୍ଥାନରେ ୧୫ଟି ଦୋକାନ ଘର ନିର୍ମାଣ ପାଇଁ ଆବଶ୍ୟକ ଜାଗା ନଥିବାରୁ ୭ଟି ଦୋକାନ ଘର ନିର୍ମାଣ କରି କାମ ସାରି ଦିଆଯାଇଛି। ତେବେ ୧୫ଟି ଦୋକାନ ଘର ବାବଦକୁ ଥିବା ବଳକା ଅର୍ଥରେ ଦୋକାନ ଘର ସାମ୍ନା ଅଂଶକୁ କଂକ୍ରିଟ୍ କରାଯିବା ସହ ପାର୍କିଂ ସ୍ଥାନରେ ପେବର ବ୍ଲକ ପକାଯିବ ବୋଲି ସେ କହିଛନ୍ତି। କନିଷ୍ଠ ଯନ୍ତ୍ରୀଙ୍କ ଏଭଳି ବୟାନ ପରେ ପ୍ରକଳ୍ପର ପ୍ରାରମ୍ଭିକ ପ୍ରକ୍ରିୟାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାରୀ ନିୟମ ଓ ଓଫିତବୁଡ଼ି କୋଡ୍ ଅନୁଯାୟୀ, କୌଣସି ନିର୍ମାଣ କାର୍ଯ୍ୟ ପୂର୍ବରୁ ପ୍ରଥମେ ଆବଶ୍ୟକତା ନିରୂପଣ କରାଯାଏ ଏବଂ ତହସିଲ ବା ରାଜସ୍ୱ ବିଭାଗ ମାଧ୍ୟମରେ ଜମିର କିସମ, ମାଲିକାନା ଓ କ୍ଷେତ୍ରଫଳ ଯାଞ୍ଚ କରାଯାଏ। ଏହାପରେ ବୈଷୟିକ ଅଧିକାରୀମାନେ ସ୍ଥାନ ପରିଦର୍ଶନ କରି ମାପଚୁପ ଓ ମାଟି ପରୀକ୍ଷା କରିବା ସହ ନକ୍ସା ଓ ବିସ୍ତୃତ ଅଟକଳ ପ୍ରସ୍

ଯୁବପିଢ଼ିଙ୍କୁ ମୋଦିଙ୍କ ବାର୍ତ୍ତା

ଡିଗ୍ରୀ ନୁହେଁ ଦକ୍ଷତାର ହେବ ଅଧିକ ଚାହିଦା



ନୂଆଦିଲ୍ଲୀ, ୨୧।୧୧ : ଦେଶର ବିକାଶରେ ଦକ୍ଷତା ଓ କୌଶଳର ଗୁରୁତ୍ୱ ବଢ଼ିବାକୁ ଯାଉଛି । ଆଗାମୀ ଦିନରେ କେବଳ କୋଟ୍-ପ୍ୟାଣ୍ଟ ପିନ୍ଧି କାର୍ଯ୍ୟାଳୟ ଯାଉଥିବା ଲୋକଙ୍କ ଅପେକ୍ଷା ଦକ୍ଷ କାରିଗରଙ୍କ ଚାହିଦା ଅଧିକ ରହିବ। ଶନିବାର ଲକ୍ଷ୍ନୌରେ ଆୟୋଜିତ ପଞ୍ଚମ ଜାତୀୟ ଦକ୍ଷତା ଦୀକ୍ଷାନ୍ତ ସମାରୋହରେ ଯୋଗଦେଇ ଏପରି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହି ଅବସରରେ ସେ ଯୁବପିଢ଼ିଙ୍କୁ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେବା ସହ ଆଇଟିଆଇ ଶିକ୍ଷାର ମହତ୍ତ୍ୱ ବୁଝାଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଆଇଆଇଟି ହେଉ କି ଆଇଟିଆଇ, ଉଭୟ ହେଉଛନ୍ତି ଦେଶର ପ୍ରକୃତ ସମ୍ପତ୍ତି। ଏହି ଅନୁଷ୍ଠାନଗୁଡ଼ିକ ଦେଶର ସାମର୍ଥ୍ୟ ଓ ଭବିଷ୍ୟତର ଆଧାର। ଆଇଟିଆଇରେ ଶିକ୍ଷା ଗ୍ରହଣ କରି ଯୁବକମାନେ ଯେଉଁ କୌଶଳ ହାସଲ କରିଛନ୍ତି, ତାହା ବିକଶିତ ଭାରତ ଗଠନରେ ବଡ଼ ଶକ୍ତି ହେବ। ସେ କହିଛନ୍ତି, ଆଜି ସେ ଆଇଆଇଟି ଛାତ୍ରଙ୍କ ମଧ୍ୟରେ ଯେଉଁ ଉତ୍ସାହ ଓ ଆଶା ଦେଖିଥିଲେ, ଆଇଟିଆଇ ଛାତ୍ରଙ୍କ ମଧ୍ୟରେ ମଧ୍ୟ ସେହି ଉତ୍ସାହ ଦେଖିବାକୁ ପାଇଛନ୍ତି। ଭାରତର ପାରମ୍ପରିକ କାରିଗରୀ ଓ ଦକ୍ଷତାକୁ ନେଇ ମଧ୍ୟ ମୋଦି ମତ ରଖିଛନ୍ତି। ତାଙ୍କ କହିବା ଅନୁସାରେ, ଭାରତରେ ଆକ୍ରମଣକାରୀମାନେ ଆସିବା ପରେ ପ୍ରଥମେ ଦେଶର କାରିଗରୀ ଓ ଦକ୍ଷତାକୁ ନଷ୍ଟ କରିବାକୁ ଉଦ୍ୟମ କରିଥିଲେ। ଭାରତୀୟ କାରିଗରଙ୍କ ହାତରେ ଥିବା କୌଶଳ ଦେଶକୁ ସମୃଦ୍ଧ କରୁଥିବାରୁ ସେମାନଙ୍କ ଶକ୍ତିକୁ ଦୁର୍ବଳ କରାଯାଇଥିଲା ବୋଲି ସେ କହିଛନ୍ତି। ଏହାସହ ବ୍ରିଟିଶ ଶାସନ ସମୟରେ ମାକାଉଲେଙ୍କ ଶିକ୍ଷା ବ୍ୟବସ୍ଥା ଭାରତ ଉପରେ ଲଦି ଦିଆଯାଇଥିବା ମୋଦି ଅଭିଯୋଗ କରିଛନ୍ତି। ଏହାଦ୍ୱାରା ଦକ୍ଷତାଭିତ୍ତିକ ଶିକ୍ଷା ପଛରେ ପଡ଼ିଯାଇଥିଲା ଏବଂ କେବଳ କାଗଜପତ୍ର କାମ କରୁଥିବା କର୍ମଚାରୀ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦିଆଗଲା। ଆଇଟିଆଇ ଶିକ୍ଷାକୁ ସମାଜରେ କମ୍ ଗୁରୁତ୍ୱ ଦିଆଯାଉଥିବା ନେଇ ମଧ୍ୟ ସେ ଚିନ୍ତା ପ୍ରକାଶ କରିଛନ୍ତି। ଅନେକ ଅଭିଭାବକ ନିଜ ପିଲା ଆଇଟିଆଇରେ ପଢୁଥିବା କଥା ସମ୍ପର୍କୀୟଙ୍କୁ କହିବାକୁ ମଧ୍ୟ ସଙ୍କୋଚ କରୁଛନ୍ତି। କିନ୍ତୁ ଏହି ମାନସିକତା ବଦଳାଇବାକୁ ସେ ସଂକଳ୍ପ ନେଇଛନ୍ତି। ଆଇଆଇଟି ଛାତ୍ରଙ୍କୁ ଯେତିକି ସମ୍ମାନ ମିଳୁଛି, ଆଇଟିଆଇ ଛାତ୍ରଙ୍କୁ ମଧ୍ୟ ସେତିକି ସମ୍ମାନ ମିଳିବା ଦରକାର ବୋଲି ମୋଦି କହିଛନ୍ତି। ଏହି ଅବସରରେ ସୁନା କିଣା ହ୍ରାସ କରିବାକୁ ନିଜର ପୂର୍ବ ଆହ୍ୱାନ କଥା ମଧ୍ୟ ମନେ ପକାଇଥିଲେ।

ବିହାରରେ ନୀତିଶ ସେତୁ ଉଦ୍‌ଘାଟନ କଲେ ମୋଦି



ବୈଶାଳୀ, ୨୧।୧୧ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ବୈଶାଳୀ ଜିଲ୍ଲାରେ ନୀତିଶ ସେତୁ ଉଦ୍‌ଘାଟନ କରି ୨୦୨୫ ବିହାର ବିଧାନସଭା ନିର୍ବାଚନ ବିଜୟ ସମାରୋହରେ ତାଙ୍କ ଭାଇରାଲ 'ଗାମୁଛା' ବୁଲେଇବାର ସିନ୍ ରିକ୍ରିୟେଟ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଏହି ଇଭେଣ୍ଟ କାଳରେ ତାଙ୍କ ଗାମୁଛା ବୁଲାଉଥିବାର ଦେଖାଯାଇଛି। ମୋଦିଙ୍କ ଏହି ଇସାରା ଗତବର୍ଷ ନିର୍ବାଚନ ପରେ ସବୁଠୁ ଅଧିକ ସେୟାର କରାଯାଇଥିବା ଭିଜୁଆଲ୍ ମଧ୍ୟରୁ ଅନ୍ୟତମ ଥିଲା। ମୋଦି ମଧୁବନୀ ପ୍ରିଣ୍ଟର ଷ୍ଟୋଲ ପିନ୍ଧି ହାଲୁକା ରଙ୍ଗର ଗାମୁଛା ବୁଲାଉଥିବା ଛବି ସୋସିଆଲ ମିଡିଆରେ ଭାଇରାଲ ହୋଇଯାଇଥିଲା। କିଛି ସମୟ ପରେ ଏହା ମୋଦିଙ୍କ ଗାମୁଛା ହାସ୍ ଟ୍ୟାଗରେ ଟ୍ରେଣ୍ଡିଂ କରିଥିଲା। ମୋଦିଙ୍କ ଗାମୁଛା ଶଟ ଅନଲାଇନରେ ମଧ୍ୟ ବେଶ୍ ପପୁଲାର ହୋଇଥିଲା ଓ ସମର୍ଥକ ଏହି କ୍ଷଣକୁ ରାଜ୍ୟରେ ଏନଡିଏର ନିର୍ବାଚନୀ ପ୍ରଦର୍ଶନ ସହ ଯୋଡିଥିଲେ। ମେଣ୍ଟ ୨୪୩ ବିଧାନସଭା ଆସନରୁ ୨୦୨ଟି ଜିତିଥିଲା।

କାଶ୍ମୀରରେ ଆଉ କୌଣସି ସ୍ଥାନୀୟ ଆତଙ୍କବାଦୀ ନାହାନ୍ତି: ଶାହ

ନୂଆଦିଲ୍ଲୀ, ୨୧।୧୧ : କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶନିବାର ଅରୁଣାଚଳ ପ୍ରଦେଶର ବନ୍ଦେରଦେୱାଠାରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ପୁଣିଥରେ ତାଙ୍କ ଦାବି ଦୋହରାଇଛନ୍ତି । ଶାହ କହିଛନ୍ତି, କାଶ୍ମୀରରେ ଆଉ କୌଣସି ସ୍ଥାନୀୟ ଆତଙ୍କବାଦୀ ନାହାନ୍ତି । କାଶ୍ମୀରରେ ଏଲ୍‌ଇଟି (ଲସ୍କର ଏ ତୋଏବା) ସହ ଜଡ଼ିତ ଶେଷ ସକ୍ରିୟ କାଶ୍ମୀର ଆତଙ୍କବାଦୀକୁ ନିପାତ କରାଯାଇଛି ବୋଲି ଶାହ କହିଛନ୍ତି। ଉଲ୍ଲେଖଯୋଗ୍ୟ, କୁଲଗାମରେ ନିକଟରେ ଏଲ୍‌ଇଟି କମାଣ୍ଡର ମହମ୍ମଦ ଲତିଫ ଭଟ୍ଟ ସୁରକ୍ଷାକର୍ମୀଙ୍କ ଏନକାଉଣ୍ଟରରେ ନିପାତ ହେବାପରେ ଶାହ ଏହି ବୟାନ ଦେଇଛନ୍ତି । ଶାହ କହିଛନ୍ତି, 'ଆଜି ମୁଁ ଗର୍ବର ସହ ଏହା କହିପାରୁଛି ଯେ କାଶ୍ମୀର ଉପତ୍ୟକାରେ ଆଉ ଜଣେ ବି ସ୍ଥାନୀୟ ଆତଙ୍କବାଦୀ ନାହାନ୍ତି । ଏବେ କାଶ୍ମୀରରେ ଯେଉଁମାନେ ବାକି ରହିଯାଇଛନ୍ତି ସେମାନେ ସମସ୍ତେ ବିଦେଶୀ ଆତଙ୍କବାଦୀ। ଉଲ୍ଲେଖଯୋଗ୍ୟ, ଏହା ପୂର୍ବରୁ ଗୁରୁବାର ଦିଲ୍ଲୀରେ ଆୟୋଜିତ ବାର୍ଷିକ ଆତଙ୍କବାଦ ବିରୋଧୀ ସମ୍ମିଳନୀରେ ମଧ୍ୟ ଶାହ ଏହି ମନ୍ତବ୍ୟ ଦେଇଥିଲେ। ସେ କହିଥିଲେ ଏଲ୍‌ଇଟି ଆତଙ୍କବାଦୀ ଲତିଫ୍ ଭଟ୍ଟ ନିପାତ ହେବାପରେ କାଶ୍ମୀରରେ ସ୍ଥାନୀୟ ଆତଙ୍କବାଦୀଙ୍କ ଉପସ୍ଥିତି ଶେଷ ହୋଇଯାଇଛି। ୩୫ ବର୍ଷ ମଧ୍ୟରେ ପ୍ରଥମଥର ପାଇଁ ଜମ୍ମୁ କାଶ୍ମୀରରେ କୌଣସି ଭାରତୀୟ ଜନ୍ମିତ ଆତଙ୍କବାଦୀ ସକ୍ରିୟ ନଥିବା ଏକ ବଡ଼ ଉପଲବ୍ଧି ବୋଲି ସେ କହିଥିଲେ । ଶାହ ଆଜି ଉତ୍ତରପୂର୍ବ ରାଜ୍ୟ ଗସ୍ତ ଅବସରରେ ୯୦୦ରୁ ଅଧିକ ନବନିଯୁକ୍ତ ପୁଲିସଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିଥିଲେ ।

ପରକ୍ରିୟା ପ୍ରୀତି ସନ୍ଦେହ: ପତ୍ନୀକୁ ହତ୍ୟା କରି ଅଳିଆ ଗଦାରେ ଫିଙ୍ଗିଲା ପତି

ବେଙ୍ଗାଲୁରୁ, ୨୧।୧୧ : ପ୍ରଯୁକ୍ତି ସହର ବେଙ୍ଗାଲୁରୁରୁ ଏକ ବଡ଼ ଖବର ସାମ୍ନାକୁ ଆସୁଛି । ଏଠାରେ ଅବୈଧ ସମ୍ବନ୍ଧ ସନ୍ଦେହରେ ଜଣେ ୨୫ ବର୍ଷ ବୟସ୍କ ଯୁବକ ତାର ୩୪ ବର୍ଷୀୟ ପତ୍ନୀକୁ ଗଳାକାଟି ହତ୍ୟା କରିଛି । ଏହି ହତ୍ୟା ପରେ ଅଭିଯୁକ୍ତ ସ୍ୱାମୀ ଶବକୁ ଏକ ଅଖାରେ ଭର୍ତ୍ତି କରି ନିକଟସ୍ଥ ପାର୍କ କୋଣରେ ଥିବା ଅଳିଆ ଗଦାରେ ଫିଙ୍ଗି ଫେରାର ହୋଇଯାଇଥିଲା । ଏହି ଜଘନ୍ୟ ହତ୍ୟାକାଣ୍ଡ ୨ ମାସରୁ ଅଧିକ କାଳ ହେଲା ଲୋକଲୋଚନକୁ ଆସି ନଥିଲା । ତେବେ ଏକ ବୁଲା କୁକୁର ଯୋଗୁ ହତ୍ୟାର ରହସ୍ୟ ଖୋଲି ଯାଇଛି । ପୋଲିସ ଅଭିଯୁକ୍ତ ଯୁବକକୁ ଗିରଫ କରିଛି । ଉଲ୍ଲେଖଯୋଗ୍ୟ ଯେ ଏହି ଘଟଣାଟି ବେଙ୍ଗାଲୁରୁର ଗୁଣ୍ଡାଜନେୟ ମନ୍ଦିର ପାର୍କ ଅଞ୍ଚଳରେ ଘଟିଛି । ମୃତ ମହିଳାଙ୍କୁ ସୂଜାତା (୩୪) ଭାବେ ଚିହ୍ନଟ କରାଯାଇଛି । ଅନ୍ୟପଟେ ଗିରଫ ଅଭିଯୁକ୍ତ ତାର ଦ୍ୱିତୀୟ ସ୍ୱାମୀ ଫୟାଜ ପାସା ଓରଫ କାଲୁ ଓ ସେ ଚିକ୍କବଲ୍ଲାପୁରର ବାସିନ୍ଦା ଭାବେ ଚିହ୍ନଟ କରାଯାଇଛି । ପୋଲିସ ଅନୁସାରେ ଏହି ହତ୍ୟାକାଣ୍ଡ ପାଖାପାଖି ୨ ମାସ ପୂର୍ବେ ହୋଇଥିଲା । ସକାଳେ ପାର୍କକୁ ବୁଲି ଯାଇଥିବା ଲୋକେ ସେଠାରେ ଏକ ମଣିଷ ଖପୁରି ପଡିଥିବାର ଦେଖି ପୋଲିସକୁ ସୂଚନା ଦେଇଥିଲେ। ସୂଚନା ମିଳିବାମାତ୍ରେ କୋଡିଗେହଲ୍ଲୀ ପୋଲିସ ଘଟଣାସ୍ଥଳକୁ ପହଞ୍ଚିବା ସହ ଆଖପାଖ ଅଞ୍ଚଳର ତଲାସ କରିଥିଲା । ଏହି ସମୟରେ ଖପୁରି ନିକଟରୁ ପାଖାପାଖି ୩୦ ମିଟର ଦୂର ଅଳିଆ ଗଦାରେ ଏକ ବସ୍ତା ପୋତା ହୋଇଥିବା ଦେଖି ଏହାକୁ ଖୋଳି ବାହାର କରାଯାଇଥିଲା । ସେଥିରୁ ମହିଳାର କଙ୍କାଳ ମିଳିଛି ।ଏହି କଙ୍କାଳ ନିକଟରୁ ପୋଲିସକୁ ଏକ ଛୋଟ ପାଉଚ୍ ମିଳିଛି, ଏଥିରେ ମହିଳାଙ୍କ ଆଧାରକାର୍ଡ ଓ ପାନ କାର୍ଡ ମିଳିଥିଲା । ଏଥିରୁ ମହିଳାଙ୍କ ପରିଚୟ ମିଳିବା ସହ ପୋଲିସ ଯାଞ୍ଚ ଆଗକୁ ବଢାଇବାରୁ ସେ ଫୟାଜ ପାସାକୁ ଦ୍ୱିତୀୟ ବିବାହ କରିଥିବା ଜଣାପଡିଛି । ପ୍ରାରମ୍ଭିକ ତଦନ୍ତ ଅନୁସାରେ ସୁଜାତାର ପ୍ରଥମ ସ୍ୱାମୀର ପାଖାପାଖି ୫ ବର୍ଷ ପୂର୍ବେ ମୃତ୍ୟୁ ହୋଇଥିଲା । ଏହା ପରେ ସୁଜାତା ତାର ୫ଟି ପିଲାଙ୍କ ସହ ଭଉଣୀଘର ଛାଡି ନିଜେ ଗୁଜୁରାଣ ମେଣ୍ଟାଇବା ପାଇଁ ଜରି ଗୋଟାଳି ଭାବେ କାମ କରିଥିଲା । ଏହି ସମୟରେ ସେ ଫୟାଜକୁ ଭେଟିଥିବା ବେଳେ ପାଖାପାଖି ୫ ମାସ ପୂର୍ବେ ସେମାନେ ବିବାହ କରିଥିଲେ ।

କେରଳମ୍ ଡ୍ରଗ୍ସ ମାମଲାରେ ନାଇଜେରିଆ ନାଗରିକ ଓ ପତ୍ନୀ ଗିରଫ

ମାଲାପ୍ପୁରମ, ୨୧।୧୧ : କେରଳମର କୋଣ୍ଡୋଟିରେ ଏମଡିଏମ୍‌ଏ ଜବତ ଘଟଣାରେ ମହାରାଷ୍ଟ୍ରରେ ଜଣେ ନାଇଜେରିଆ ନାଗରିକ ଓ ତାଙ୍କ ପତ୍ନୀଙ୍କୁ ଗିରଫ କରାଯାଇଛି । ଗିରଫ ହୋଇଥିବା ବ୍ୟକ୍ତି ନାଇଜେରିଆର ନାଗରିକ ଇକେଚୁକୁ ପାଉଲ୍ ଓଗବୋନା ଓ ତାଙ୍କ ପତ୍ନୀ ଆରତୀ ବୋଲି ଚିହ୍ନଟ ହୋଇଛନ୍ତି । ମାଲାପ୍ପୁରମ୍ ଜିଲ୍ଲାପୁଲିସ ମୁଖ୍ୟ ଚେତ୍ରା ଟେରେସା ଜନ୍ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ନାଇଜେରିଆ ନାଗରିକ ଓ ତାଙ୍କ ପତ୍ନୀଙ୍କ ଗିରଫଦାରୀ ସହିତ ଏହି ମାମଲାରେ ଗିରଫ ହୋଇଥିବା ଲୋକଙ୍କ ସଂଖ୍ୟା ୧୦ରେ ପହଞ୍ଚିଛି । ପୁଲିସ ଚଳିତ ବର୍ଷ ଜୁନ୍ ମାସରେ ଏମଡିଏମ୍‌ଏ ରଖିବା ପାଇଁ କୋଣ୍ଡୋଟିରୁ ରଥିଶଙ୍କୁ ଗିରଫ କରିଥିଲା । ଜନ୍ କହିଛନ୍ତି ଯେ, ଗିରଫଦାରୀଗୁଡ଼ିକ ଆର୍ଥିକ ବିଶ୍ଳେଷଣ ଓ ବୈଷୟିକ ଗୁଇନ୍ଦା ବିଭାଗରୁ ମିଳିଥିବା ସୂଚନା ପରେ କରାଯାଇଥିଲା । ପୁଲିସ ଦମ୍ପତିଙ୍କ ଘରୁ ପ୍ରାୟ ୨ ଲକ୍ଷ ଟଙ୍କା ନଗଦ, ଡକ୍ୟୁମେଣ୍ଟ ଓ ଇଲେକ୍ଟ୍ରୋନିକ୍ ଉପକରଣ ଜବତ କରିଛି । ଦମ୍ପତିଙ୍କ ଆକାଉଣ୍ଟରେ ମିଳିଥିବା ଟଙ୍କା ନିଶାଦ୍ରବ୍ୟ ଚାଲାଣ ସହିତ ଜଡିତ ଥିଲା ବୋଲି ସେ କହିଛନ୍ତି । ପାଉଲ୍ ୧୫ ବର୍ଷ ଧରି ଭାରତରେ ରହୁଥିଲେ ଓ ଆଠ ବର୍ଷ ପୂର୍ବେ ଆରତୀଙ୍କୁ ବିବାହ କରିଥିଲେ ।

ମଣିପୁରରେ ବିଷାକ୍ତ ମଦ ନେଲା ୧୩ ଜୀବନ

ବିଜେପି ସରକାରକୁ ଘେରିଲେ ରାହୁଲ

ନୂଆଦିଲ୍ଲୀ, ୨୧।୧୧ : ମଣିପୁରରେ ଥମୁନି ବିଷାକ୍ତ ମଦର ମୃତ୍ୟୁ ବିଭୀଷିକା । ବିଷାକ୍ତ ମଦ ପିଇ ଏପର୍ଯ୍ୟନ୍ତ ୧୩ ଜଣଙ୍କ ଜୀବନ ଯାଇଥିବା ବେଳେ ଆହୁରି ଅନେକ ଲୋକ ଅସୁସ୍ଥ ହୋଇପଡ଼ିଛନ୍ତି । ଶନିବାର ଆଉ ୨ ଜଣଙ୍କ ମୃତ୍ୟୁ ପରେ ମୃତକଙ୍କ ସଂଖ୍ୟା ୧୩ରେ ପହଞ୍ଚିଛି । ଏହି ଘଟଣାକୁ ନେଇ ମଣିପୁରର ରାଜନୀତି ମଧ୍ୟ ସରଗରମ ହୋଇଛି । କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏହି ଘଟଣା ପାଇଁ ବିଜେପି ସରକାରଙ୍କୁ ଦାୟୀ କରିବା ସହ ପ୍ରଶାସନିକ ଅବହେଳାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ମଣିପୁରର ଚାନ୍ଦେଲ ଜିଲ୍ଲାରେ ବିଷାକ୍ତ ମଦ ପିଇ ଲୋକଙ୍କ ମୃତ୍ୟୁ ଘଟଣାକୁ ନେଇ ରାହୁଲ ଗାନ୍ଧୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ପୋଷ୍ଟ କରି ସେ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ଅସୁସ୍ଥଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ସେ କହିଛନ୍ତି, ଏହା କୌଣସି ସାଧାରଣ ଦୁର୍ଘଟଣା ନୁହେଁ, ବରଂ ବିଜେପି ସରକାରଙ୍କ ଅବହେଳାର ପରିଣାମ । ପ୍ରଥମେ ହିଂସା ଶହ ଶହ ପରିବାରର ଘର ଉଜାଡ଼ିଥିଲା, ଏବେ ବିଷାକ୍ତ ମଦ ପରିବାରକୁ ଛାରଖାର କରୁଛି । ହେଲେ ସରକାର ଏବେ ବି ଶୋଇ ରହିଛନ୍ତି ବୋଲି ସେ କଟାକ୍ଷ କରିଛନ୍ତି । ଏହା ସହ ଘଟଣାରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ପୀଡ଼ିତ ପରିବାରକୁ ଉପଯୁକ୍ତ ସହାୟତା ସହ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି ।

ରିୟାଦ ଉପରେ ପୁଣି ହୁତି ବିଦ୍ରୋହୀଙ୍କ କ୍ଷେପଣାସ୍ତ୍ର ଆକ୍ରମଣ ଉଦ୍ୟମ

୩ ବାଲିଷ୍ଟିକ୍ ମିସାଇଲ୍ ଧ୍ୱଂସ କଲା ସାଉଦି ମେଣ୍ଟ

ରିୟାଦ, ୨୧।୧୧ : ୟେମେନର ଇରାନ ସମର୍ଥିତ ହୁତି ବିଦ୍ରୋହୀ ଗୋଷ୍ଠୀ ପକ୍ଷରୁ ଶନିବାର ସାଉଦି ଆରବର ରାଜଧାନୀ ରିୟାଦକୁ ଲକ୍ଷ୍ୟ କରି ନିକ୍ଷେପ କରାଯାଇଥିବା ତିନୋଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ରକୁ ସାଉଦି ନେତୃତ୍ୱାଧୀନ ସାମରିକ ମେଣ୍ଟ ଆକାଶମାର୍ଗରେ ହିଁ ନଷ୍ଟ କରିଦେଇଛି । ଆକ୍ରମଣ ସମୟରେ ସାଉଦି ନାଗରିକ ସୁରକ୍ଷା ବିଭାଗ ପକ୍ଷରୁ ସହରରେ 'ଆକାଶମାର୍ଗ ବିପଦ' ନେଇ ହାଇଆଲର୍ଟ ଜାରି କରାଯାଇଥିଲା । ତେବେ ବାୟୁସେନା ପକ୍ଷରୁ କ୍ଷେପଣାସ୍ତ୍ରଗୁଡ଼ିକୁ ସଫଳତାର ସହ ପ୍ରତିହତ କରାଯିବା ପରେ ବିପଦ ଚଳିଥିବା ଘୋଷଣା କରାଯାଇଥିଲା । ଗତ ଗୁରୁବାର ରିୟାଦର ଏକ ବହୁତଳ ପ୍ରାସାଦ ଉପରେ ହୋଇଥିବା ଆକ୍ରମଣ ପରେ ରାଜଧାନୀକୁ ଟାର୍ଗେଟ୍ କରି ଏହା ହୁତି ବିଦ୍ରୋହୀଙ୍କର ଦ୍ୱିତୀୟ ବଡ଼ ଆକ୍ରମଣ ଉଦ୍ୟମ। ମେଣ୍ଟର ସରକାରୀ ମୁଖପାତ୍ର ମେଜର ଜେନେରାଲ ତୁର୍କୀ ଅଲ୍-ମାଲିକି ସୂଚନା ଦେଇଛନ୍ତି ଯେ, ରିୟାଦ ବ୍ୟତୀତ ଦେଶର ଦକ୍ଷିଣାଞ୍ଚଳ ଅଭିମୁଖେ ହୁତି ଆତଙ୍କବାଦୀଙ୍କ ଦ୍ୱାରା ପଠାଯାଇଥିବା ଏକ ଡ୍ରୋନ୍ ଏବଂ ଜାଜାନ ଅଞ୍ଚଳ ଆଡ଼କୁ ନିକ୍ଷେପ କରାଯାଇଥିବା ଅନ୍ୟ ଦୁଇଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ରକୁ ମଧ୍ୟ ସାଉଦି ବାୟୁସେନା ଧ୍ୱଂସ କରିଛି । ଉଲ୍ଲେଖଯୋଗ୍ୟ ଯେ, ଶୁକ୍ରବାର ସାଉଦି ନେତୃତ୍ୱାଧୀନ ମେଣ୍ଟ ପକ୍ଷରୁ ଲୋହିତ ସାଗର ଉପକୂଳବର୍ତ୍ତୀ ହୋଦେଇଦା ବନ୍ଦର ଏବଂ ୟେମେନର ରାଜଧାନୀ ସାନାରେ ଥିବା ହୁତି ବିଦ୍ରୋହୀଙ୍କ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଘାଟି ଉପରେ ବଡ଼ ଧରଣର ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ଏହାର ଠିକ୍ ପରଦିନ ହୁତି ଗୋଷ୍ଠୀ ପକ୍ଷରୁ ଏହି ପ୍ରତିଶୋଧମୂଳକ ଆକ୍ରମଣ ଉଦ୍ୟମ କରାଯାଇଛି ।

ପାକିସ୍ତାନରୁ ଅନୁପ୍ରବେଶ କରିଛନ୍ତି ୩ରୁ ୪ ଜୈଶ ଆତଙ୍କୀ

ଜାମ୍ମୁ-କାଶ୍ମୀରରେ ହାଇଆଲର୍ଟରେ ସୁରକ୍ଷାବାହିନୀ



ନୂଆଦିଲ୍ଲୀ, ୨୧।୧୧ : ଜାମ୍ମୁ-କାଶ୍ମୀରରେ ପୁଣି ଆତଙ୍କବାଦୀ ଅନୁପ୍ରବେଶକୁ ନେଇ ବଢ଼ିଛି ଚିନ୍ତା। ପାକିସ୍ତାନ ପଟୁ ୩ରୁ ୪ ଜଣ ଜୈଶ-ଏ-ମହମ୍ମଦ ଆତଙ୍କବାଦୀ ଭାରତୀୟ ସୀମାରେ ପ୍ରବେଶ କରିଥିବା ନେଇ ଗୁଇନ୍ଦା ସୂଚନା ମିଳିଛି। ଏହି ଆତଙ୍କବାଦୀମାନେ ଜାମ୍ମୁ-କାଶ୍ମୀରରେ କୌଣସି ବଡ଼ ଆକ୍ରମଣ ଯୋଜନାରେ ଥିବା ଆଶଙ୍କା କରାଯାଉଛି। ଗୁଇନ୍ଦା ବିଭାଗର ଏହି ସୂଚନା ପରେ ସୁରକ୍ଷା ଏଜେନ୍ସିଗୁଡ଼ିକୁ ସତର୍କ କରାଯାଇଛି । ସୂତ୍ର ଅନୁସାରେ, ନଭେମ୍ବର ୧୧ ତାରିଖରେ କୁଲଗାମରେ ସିଆରପିଏଫ୍ କ୍ୟାମ୍ପ ଉପରେ ହୋଇଥିବା ଆତଙ୍କୀ ଆକ୍ରମଣର ସୁଯୋଗ ନେଇ ଏହି ଅନୁପ୍ରବେଶ ହୋଇଥିବା ସନ୍ଦେହ କରାଯାଉଛି । ସେହି ସମୟରେ ସୁରକ୍ଷାବାହିନୀ ଆକ୍ରମଣରେ ସମ୍ପୃକ୍ତ ଆତଙ୍କବାଦୀ ମହମ୍ମଦ ଲତିଫ ଭଟ୍ଟ ଏବଂ ଉମର ନିସାର ଡାରଙ୍କୁ ଖୋଜିବାରେ ବ୍ୟସ୍ତ ଥିଲେ। ଏହି ସୁଯୋଗରେ ୩ରୁ ୪ ଜଣ ଆତଙ୍କବାଦୀ ପୁଞ୍ଚ ଅଞ୍ଚଳ ଦେଇ ଭାରତରେ ପ୍ରବେଶ କରିଥିବା ଗୁଇନ୍ଦା ସୂଚନା ମିଳିଛି। ଗୁଇନ୍ଦା ସୂଚନା ଅନୁସାରେ, ଏହି ଆତଙ୍କବାଦୀମାନେ ଏକେ-୪୭ ବନ୍ଧୁକ ଏବଂ ହ୍ୟାଣ୍ଡ ଗ୍ରେନେଡରେ ସଜ୍ଜିତ ଅଛନ୍ତି। ସେମାନେ ଦକ୍ଷିଣ କାଶ୍ମୀରରେ ପହଞ୍ଚି କୌଣସି ଗୁପ୍ତ ସ୍ଥାନରେ ଲୁଚି ରହିଥିବା ଆଶଙ୍କା ରହିଛି। ସୀମାପାରରୁ ଧରାପଡ଼ିଥିବା ଗୁପ୍ତ ଯୋଗାଯୋଗ ବାର୍ତ୍ତାରୁ ଜଣାପଡ଼ିଛି ଯେ, ନଭେମ୍ବର ୧୧ରୁ ୧୩ ତାରିଖ ମଧ୍ୟରେ ଏହି ଅନୁପ୍ରବେଶ ହୋଇଛି । ଏହି ଆତଙ୍କବାଦୀ ଗୋଷ୍ଠୀ ଦୁଇଟି ଭାଗରେ ବିଭକ୍ତ ହୋଇ ଭିନ୍ନ ଭିନ୍ନ ସ୍ଥାନରେ ଆକ୍ରମଣ କରିପାରନ୍ତି ବୋଲି ଆଶଙ୍କା କରାଯାଉଛି । କେବଳ ଜାମ୍ମୁ-କାଶ୍ମୀର ନୁହେଁ, ଅନ୍ୟ ରାଜ୍ୟରେ ମଧ୍ୟ ଆକ୍ରମଣ ଯୋଜନା ଥିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇନାହିଁ। ଏଥର ଅନୁପ୍ରବେଶ କରିଥିବା ଆତଙ୍କବାଦୀମାନେ ଲସ୍କର-ଏ-ତୋଇବା ସଂଗଠନର ନୁହନ୍ତି, ବରଂ ଜୈଶ-ଏ-ମହମ୍ମଦ ସଂଗଠନ ସହ ଜଡ଼ିତ ଥିବା ସୂଚନା ମିଳିଛି।

ଭାରତର କମ୍ ୭% ଅଭିବୃଦ୍ଧିକୁ ଟ୍ରମ୍ପଙ୍କ ପ୍ରଶଂସା

ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ ଉପରେ ବର୍ଷିଲେ

ୱାସିଂଟନ, ୨୧।୧୧ : ଭାରତର ଅର୍ଥନୈତିକ ଅଭିବୃଦ୍ଧିକୁ ଉଦାହରଣ ଭାବେ ନେଇ ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ ଫେଡେରାଲ୍ ରିଜର୍ଭକୁ ସମାଲୋଚନା କରିଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଭାରତରେ ସୁଧହାର ତୁଳନାତ୍ମକ ଭାବେ କମ୍ ଥିବାରୁ ଅର୍ଥନୀତି ପ୍ରାୟ ୭ ପ୍ରତିଶତ ହାରରେ ବଢୁଥିବା ସେ କହିଛନ୍ତି । ଆମେରିକାରେ ସୁଧହାର ହ୍ରାସ କରାଗଲେ ଅର୍ଥନୈତିକ ଅଭିବୃଦ୍ଧି ୧୪ରୁ ୧୫ ପ୍ରତିଶତ, ଏପରିକି ୨୦ ପ୍ରତିଶତ ପର୍ଯ୍ୟନ

ଏସ୍‌ଟିଏଫ୍‌କୁ ବଡ଼ ସଫଳତା

ମୁଙ୍ଗେରରୁ ୨ ବନ୍ଧୁକ ବେପାରୀ ଗିରଫ, ୬ ବନ୍ଧୁକ ଜବତ

ଭୁବନେଶ୍ୱର(ନି.ପ୍ର):ରାଜ୍ୟକୁ ଅବୈଧ ଅସ୍ତ୍ରଶସ୍ତ୍ର ଯୋଗାଣ କରୁଥିବା ଏକ ଆନ୍ତଃରାଜ୍ୟ ରାକେଟ୍‌ର ପର୍ଦ୍ଦାଫାସ କରିଛି କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ)। ବିହାରର ମୁଙ୍ଗେର ଜିଲ୍ଲାରେ ଚଢ଼ଉ କରି ଦୁଇ ଜଣ ଅସ୍ତ୍ର ବେପାରୀଙ୍କୁ ଗିରଫ କରିଛି ଓଡ଼ିଶା ଏସ୍‌ଟିଏଫ୍। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ବିହାର ମୁଙ୍ଗେର ଜିଲ୍ଲାର ଆକାଶ କୁମାର ସିଂ (୪୪) ଏବଂ ରାଜେଶ ଶର୍ମା ଓରଫ ଭେଲଟୁ (୪୫)। ଅଭିଯୁକ୍ତଙ୍କ ନିକଟରୁ ୨ଟି ୭ ଏମ୍‌ଏମ୍ ଦେଶୀ ପିସ୍ତଲ, ୪ଟି ସିଙ୍ଗଲ-ସଟ୍ ବନ୍ଧୁକ, ୮ ରାଉଣ୍ଡ ଜୀବନ୍ତ ଗୁଳି, ନଗଦ ୫,୬୦୦ ଟଙ୍କା ଏବଂ ୨ଟି ମୋବାଇଲ ଫୋନ୍ ଜବତ ହୋଇଛି। ଏ ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଏସ୍‌ଟିଏଫ ଆଇଜି ହିମାଂଶୁ କୁମାର ଲାଲ କହିଛନ୍ତି ଯେ, ଏହି ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ ଆର୍ମସ୍ ? ଆକ୍ଟ, ୧୯୫୯ର ଧାରା ୨୫(୧-ଏ), ୨୫(୬) ଓ ୨୭ ସହ ଭାରତୀୟ ନ୍ୟାୟ ସଂହିତା, ୨୦୨୩ର ଧାରା ୬୧(୨)(ଏ) ଅନୁଯାୟୀ ମାମଲା ରୁଜୁ ହୋଇଛି। ଏହି ଅବୈଧ କାରବାର ପଛରେ ଥିବା ଆନ୍ତଃରାଜ୍ୟ ନେଟୱର୍କର ଚେର ଖୋଜିବାକୁ ତଦନ୍ତ ଜୋରଦାର କରିଛି ଏସ୍‌ଟିଏଫ୍। ଏହି ନେଟୱର୍କରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ଓଡ଼ିଶାର କେଉଁ କେଉଁ ଅଞ୍ଚଳକୁ ଏହି ଅସ୍ତ୍ରଶସ୍ତ୍ର ଚାଲାଣ ହେଉଥିଲା ଏବଂ ଏହାର ପଛରେ ଆଉ କେଉଁ ଲିଙ୍କ୍ ରହିଛି, ସେନେଇ ଖୋଳତାଡ଼ ଜାରି ରହିଛି। ଅନ୍ୟପକ୍ଷରେ, ରାଜ୍ୟରେ ବେଆଇନ ଗଞ୍ଜେଇ ଚାଷ ବିରୋଧରେ ମଧ୍ୟ ଏସ୍‌ଟିଏଫ୍‌ର ଅଭିଯାନ ଜାରି ରହିଛି। ଏହି ଅଭିଯାନରେ ରାଜ୍ୟର ପ୍ରାୟ ୧୧ ହଜାର ଏକର ଜମିରେ ହୋଇଥିବା ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରାଯାଇଥିବା ସୂଚନା ମିଳିଛି। ଅବୈଧ ଅସ୍ତ୍ରଶସ୍ତ୍ର ଚାଲାଣ ନେଟୱର୍କକୁ ଠାବ କରିବା ସହ ନିଶାଦ୍ରବ୍ୟ ଚାଷ ଉପରେ ରୋକ୍ ଲଗାଇବା ଦିଗରେ ଏସ୍‌ଟିଏଫ୍‌ର ଏହି ଦୁଇମୁଖୀ ଅଭିଯାନ ଜାରି ରହିଛି।

୩୩୦ ଗ୍ରାମ ବ୍ରାଉନସୁଗର ସହ ୪ ନିଶା ବେପାରୀ ଗିରଫ

ଭୁବନେଶ୍ୱର(ନି.ପ୍ର): ଭୁବନେଶ୍ୱର ଅବକାରୀ ବିଭାଗର ମୋବାଇଲ ଟିମ୍ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଶନିବାର ଚଢ଼ଉ କରାଯାଇ ମୋଟ ୩୩୦ ଗ୍ରାମ ବ୍ରାଉନସୁଗର ଜବତ କରାଯାଇଛି। ଏଥିସହ ଏନେଇ ୩ଟି ପୃଥକ ପୃଥକ ମାମଲା ରୁଜୁ କରାଯାଇ ୪ ଜଣ ନିଶା ବେପାରୀଙ୍କୁ ଗିରଫ କରିଛି ଅବକାରୀ ବିଭାଗ। ଏନେଇ ଅବକାରୀ ସୁପରିଟେଣ୍ଡଣ୍ଟ ଦେବାଶିଷ ପଟେଲ ସୂଚନା ଦେଇଛନ୍ତି। ଶ୍ରୀ ପଟେଲଙ୍କ ସୂଚନା ଅନୁଯାୟୀ, ଭୋଟସାହିରେ ଚଢ଼ଉ କରାଯାଇ ୧୩୦ ଗ୍ରାମ ବ୍ରାଉନସୁଗର ଜବତ କରାଯିବା ସହ ଏହି ମାମଲାରେ ଅରୁଣ କୁମାର ପଣ୍ଡା (୨୮)ଓ ସୁନୀଲ କୁମାର ମାଝି (୨୩)ଙ୍କୁ ଗିରଫ କରାଯାଇଛି। ସେହିପରି ଅବକାରୀ ବିଭାଗର ଅନ୍ୟଏକ ଟିମ୍ କଳାରାହାଙ୍ଗ ଅଞ୍ଚଳରେ ଚଢ଼ଉ କରି ୧୫୨ ଗ୍ରାମ ବ୍ରାଉନସୁଗର ସହ କୃଷ୍ଣ ଚନ୍ଦ୍ର ନାଥ ନାମକ ଜଣେ ନିଶା ବେପାରୀଙ୍କୁ ନିଜ ହେପାଜତକୁ ନେଇଛି। ଅନ୍ୟଏକ ଘଟଣାକ୍ରମେ ବାଲିଅନ୍ତା ଥାନା ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଆକାଶ ମୁଖି (୨୦)ଙ୍କୁ ଗିରଫ କରାଯାଇଥିବା ବେଳେ ତାଙ୍କ ଠାରୁ ୪୮ ଗ୍ରାମ ବ୍ରାଉନସୁଗର ଜବତ କରାଯାଇଛି। ଗିରଫ ନିଶା ବେପାରୀଙ୍କଠାରୁ ବାଇକକୁ ମଧ୍ୟ ଜବତ କରାଯାଇଛି।

ଭିଜିଲାନ୍ସ ଜାଲରେ ଜୁନାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ କର୍ମଚାରୀ

୪୦ ହଜାର ଟଙ୍କା ବିଲ୍ ପାଇଁ ୭ ହଜାର ନେଉଥିଲେ ସରକାରୀ କର୍ମଚାରୀ: ୮.୯୭ ଲକ୍ଷ ଠକିଥିଲେ ପୂର୍ବତନ ପିଇଓ



ଧର୍ମଗଡ଼/କଟକ(ନିପ୍ର): ସରକାରୀ କର୍ମଚାରୀ ନିଜ କର୍ତ୍ତବ୍ୟରୁ ଓହରି କିଭଳି ଭାବେ ଦୁର୍ନୀତିରେ ଜଡ଼ିତ ରହୁଛନ୍ତି, ତାହାର ଏକ ପର୍ଦ୍ଦାଫାସ କରିଛି ଓଡ଼ିଶା ଭିଜିଲାନ୍ସ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବିଲ୍ କରାଇ ଦେବାକୁ କହି ୭ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ କର୍ମଚାରୀ ପ୍ରଦ୍ୟୁମ୍ନ କୁମାର ଦାସ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଭିଜିଲାନ୍ସ ବିଭାଗ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି ଅନୁସାରେ ଜୁନାଗଡ଼ ଅଞ୍ଚଳର ଜଣେ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ଗୃହ ମିଳିଥିଲା। ଏହି ଗୃହ ନିର୍ମାଣ ପାଇଁ ୨ ଲକ୍ଷ ଟଙ୍କା ମଞ୍ଜୁରୀ ହୋଇଥିଲା। ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ପୂର୍ବରୁ ୧ ଲକ୍ଷ ୬୦ ହଜାର ଟଙ୍କା ଜମା ହୋଇସାରିଥିଲା। ତେବେ ସେ ୪୦ ହଜାର ଟଙ୍କା ପାଇବା ପାଇଁ ବାରମ୍ବାର ଏନ୍‌ଏସି କାର୍ଯ୍ୟାଳୟକୁ ଦୌଡୁଥିଲେ। ତେବେ ଏହି ଟଙ୍କା ପାଇଁ ଶ୍ରୀ ଦାସ ୭ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଶନିବାର ଶ୍ରୀ ଦାସ ଏହି ଟଙ୍କା ଲାଞ୍ଚ ନେଉଥିଲା ବେଳେ ପୂର୍ବ ଯୋଜନା ଅନୁସାରେ ଭିଜିଲାନ୍ସ ବିଭାଗର କର୍ମଚାରୀମାନେ ଅତର୍କିତ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ଲାଞ୍ଚରେ ବ୍ୟବହାର ହୋଇଥିବା ଟଙ୍କା ଜବତ ହୋଇଥିଲା। ସେହିପରି ଭିଜିଲାନ୍ସ ବିଭାଗ ଜଣେ ଠକ ସରକାରୀ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଛି।

ବସ୍ତିରେ ହଙ୍ଗାମା ଓ ସ୍କୁଟି ଭଙ୍ଗାରୁଜା, ଦୁଇ ଗିରଫ

ଭୁବନେଶ୍ୱର(ନି.ପ୍ର): ବୁଦ୍ଧନଗର ଭୋଇ ସାହି ବସ୍ତି ସ୍ଥିତ ଜଣେ ବ୍ୟକ୍ତିଙ୍କ ସ୍କୁଟର ଭଙ୍ଗାରୁଜା କରିବା ଏବଂ ଜୀବନରୁ ମାରିଦେବାକୁ ଧମକ ଦେବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ଦୁଇ ଜଣ ଅଭିଯୁକ୍ତ କେ.ଲଛନା (୩୦) ଏବଂ କାର୍ତ୍ତିକ ବେହେରା (୧୯) ଙ୍କୁ ଗିରଫ କରିଛି। ସେମାନଙ୍କ ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। ପୋଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୧୮.୧୧.୨୦୨୬ ତାରିଖଅପରାହ୍ନ ପ୍ରାୟ ୦୪.୩୦ ମିନିଟରେ ଫାଳିକିଆ ବସ୍ତିର କେ.ଲଛନା, କାର୍ତ୍ତିକ ବେହେରା, ଓ ଅନ୍ୟମାନେ ବେଆଇନ୍ ଭାବେ ଅସ୍ତ୍ରଶସ୍ତ୍ର ଧରି ଅଭିଯୋଗକାରୀଙ୍କ ଘର ନିକଟକୁ ଆସିଥିଲେ ଏବଂ ତାଙ୍କୁ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେବା ସହ ଘର ନିକଟରେ ଥିବା ତାଙ୍କ କଳା-ନୀଳ ରଙ୍ଗର ଟିଭିଏସ୍ ସ୍କୁଟରକୁ ଭଙ୍ଗାରୁଜା କରିଥିଲେ ଏବଂ ସମଗ୍ର ପରିବାରକୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ଅଭିଯୋଗକାରୀଙ୍କ ଏତଲା କ୍ରମେ ଲକ୍ଷ୍ମୀସାଗର ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ସମୟରେ ପୋଲିସ ଘଟଣାସ୍ଥଳ ନିକଟସ୍ଥ ସିସିଟିଭି ଫୁଟେଜ୍ ଯାଞ୍ଚ କରି ଗୁରୁତ୍ୱପୂର୍ଣ୍ଣ ସୁରାକ୍ ପାଇଥିଲା ଏବଂ କ୍ଷତିଗ୍ରସ୍ତ ସ୍କୁଟରଟିକୁ ଜବତ କରିଥିଲା। ଆଜି ତା ୨୧.୧୧.୨୦୨୬ ଭୋର ପ୍ରାୟ ୦୧.୧୫ ମିନିଟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ଫଳିକିଆ ବସ୍ତିରେ ଚଢ଼ାଉ କରି ଏହି ଘଟଣାରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତ କେ.ଲଛନା ଏବଂ କାର୍ତ୍ତିକ ବେହେରାଙ୍କୁ କାବୁ କରିଥିଲା। ପଚରାଉଚରା ବେଳେ ସେମାନେ ନିଜ ଦୋଷ ସ୍ୱୀକାର କରିଥିଲେ। ପର୍ଯ୍ୟାପ୍ତ ପ୍ରମାଣ ମିଳିବା ପରେ ଆଜି ଉଭୟଙ୍କୁ ଡାକ୍ତରୀ ପରୀକ୍ଷା ପରେ କୋର୍ଟକୁ ଚାଲାଣ କରାଯାଇଛି। ଫେରାର୍ ଥିବା ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ପୋଲିସର ତଦନ୍ତ ଓ ଚଢ଼ାଉ ଜାରି ରହିଛି।

ସର୍ଟସର୍କିଟ୍‌ରୁ ଭୟାବହ ଅଗ୍ନିକାଣ୍ଡ, ୩ ବଖରା ଘର ଜଳି ପାଉଁଶ

ସାଲେପୁର(ନିପ୍ର): ଆଖି ପିଛୁଳାକେ ସବୁକିଛି ଛାରଖାର। ବିଦ୍ୟୁତ୍ ସର୍ଟସର୍କିଟ୍‌ରୁ ଘଟିଥିବା ଭୟାବହ ଅଗ୍ନିକାଣ୍ଡରେ ତିନି ବଖରା ଘର ଜଳି ପାଉଁଶ ହୋଇଯାଇଛି। ଘରର ଆସବାବପତ୍ର, ଧାନ, ଚାଉଳ ସମେତ ବହୁ ମୂଲ୍ୟବାନ ସାମଗ୍ରୀ ନଷ୍ଟ ହୋଇଯାଇଛି। ଏଭଳି ଅଭାବନୀୟ ଘଟଣା କଟକ ଜିଲ୍ଲା ସାଲେପୁର ବ୍ଲକ୍‌ର କ୍ରିଷ୍ଣାପୁର ଗ୍ରାମରେ ଘଟିଛି। ଏହି ଅଗ୍ନିକାଣ୍ଡରେ ଗ୍ରାମର ଭବାନୀଶଙ୍କର ମହାନ୍ତିଙ୍କ ପରିବାର ସର୍ବସ୍ୱାନ୍ତ ହୋଇପଡ଼ିଛି। ସୂଚନା ଅନୁଯାୟୀ, ଶନିବାର ସକାଳ ପ୍ରାୟ ୧୧ଟା ସମୟରେ ଭବାନୀଶଙ୍କର ମହାନ୍ତିଙ୍କ ଘରେ ବିଦ୍ୟୁତ୍ ସର୍ଟସର୍କିଟ୍‌ରୁ ହଠାତ୍ ନିଆଁ ଲାଗିଯାଇଥିଲା। ଦେଖୁ ଦେଖୁ ନିଆଁ ଚାରିଆଡ଼କୁ ବ୍ୟାପି ତିନି ବଖରା ଘରକୁ ଗ୍ରାସ କରିଥିଲା। ଖବର ପାଇ ସାଲେପୁର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟର ଉଦ୍ୟମ ପରେ ନିଆଁକୁ ନିୟନ୍ତ୍ରଣ କରିଥିଲେ। ମାତ୍ର ସେତେବେଳକୁ ଘରର ସମସ୍ତ ସାମଗ୍ରୀ ନିଆଁରେ ପୋଡ଼ି ନଷ୍ଟ ହୋଇଯାଇଥିଲା। ଘରେ ଥିବା ଧାନ, ଚାଉଳ, ଆସବାବପତ୍ର ସମେତ ବହୁ ଜିନିଷପତ୍ର ଓ ପରିବାରର ଅନେକ ପୁରୁଣା ସ୍ମୃତି ମଧ୍ୟ ନିଆଁରେ ଜଳିଯାଇଛି। ଏଭଳି ଦୁର୍ଦ୍ଦିନରେ ପଡ଼ିଥିବା ଅଗ୍ନିବିପନ୍ନ ପରିବାରର କ୍ଷୟକ୍ଷତି ଆକଳନ କରି ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

ଯୁବତୀଙ୍କୁ ଗର୍ଭବତୀ କରି କର୍ପୋରେଟରଙ୍କ ସ୍ୱାମୀ ଗିରଫ

କଟକ(ନିପ୍ର): ଜଣେ ଦଳିତ ଯୁବତୀଙ୍କୁ ପ୍ରଲୋଭିତ କରି ଶାରୀରିକ ସମ୍ପର୍କ ରଖି ୭ ମାସର ଗର୍ଭବତୀ କରିବା ଅଭିଯୋଗରେ ମହିଳା ଥାନା ପୋଲିସ ଜଣେ କର୍ପୋରେଟରଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦେଉଳସାହିର ବଳରାମ ନାୟକ ଓରଫ କୁନା (୪୬)। ମିଳିଥିବା ସୂଚନା ଅନୁଯାୟୀ ଅଭିଯୁକ୍ତ କୁନା କଟକ ମହାନଗର ନିଗମ ୭ ନମ୍ବର ୱାର୍ଡ ଦେଉଳ ସାହିର ଜଣେ ପ୍ରଭାବଶାଳୀ ବ୍ୟକ୍ତି। ସେ ମଧ୍ୟ ଦେଉଳସାହି ପୂଜା କମିଟି ସମ୍ପାଦକ। ସ୍ଥାନୀୟ ଅଂଚଳର ଜଣେ ଦଳିତ ଯୁବତୀଙ୍କ ସହ ଦୀର୍ଘ ଦିନରୁ ସେ ସମ୍ପର୍କ ରଖି ଆସିଥିଲେ। ଶାରୀରିକ ସମ୍ପର୍କ ହେତୁ ସମୟ କ୍ରମେ ସମ୍ପୃକ୍ତ ଯୁବତୀ ଗର୍ଭବତୀ ହୋଇଥିଲେ । ପୂର୍ବରୁ ବିବାହର ପ୍ରତିଶୃତି ଦେଇଥିବା ବେଳେ ଏବେ ତାଙ୍କୁ ଧମକ ଚମକ ଦେବା ସହ ଗର୍ଭପାତ କରାଇବାକୁ ବାଧ କରାଉଥିଲେ। ଯୁବତୀ ଜଣକ ନିରାଶ ହୋଇ ମହିଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଯୁବତୀଙ୍କ ବୟାନ ରେକର୍ଡ କରିବା ସହ ପ୍ରମାଣ ଯୋଗ୍ୟ ତଥ୍ୟ ପାଇବା ପରେ ଅଭିଯୁକ୍ତକୁ ପଚରା ଉଚରା ପରେ ଉଭୟଙ୍କ ଡାକ୍ତରୀ ମାଇନା କରିବା ପରେ ଗିରଫ କରି କୋର୍ଟ ଚାଲାଣ କରିଛି। ବିଜେଡି କର୍ପୋରେଟରଙ୍କ ସ୍ୱାମୀ ଗିରଫ ଘଟଣା ସହରରେ ଚର୍ଚ୍ଚାର ବିଷୟ ହୋଇଛି।

କାର୍ ପୋଡି ଘଟଣାରେ ଜଣେ ଧରାପଡ଼ିଲା

ଜଳେଶ୍ୱର(ନିପ୍ର): ଏକ କାର ପୋଡି ଘଟଣାରେ ଜଳେଶ୍ୱର ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଛି। ସୂଚନା ମୁତାବକ ଜଳେଶ୍ୱର ଥାନା କେଶପୁରା ଗ୍ରାମର ସତ୍ୟବତୀ ସାହୁଙ୍କ ପରିବାର ରାତିରେ ଘରେ ଶୋଇଥିବା ବେଳେ କେତେକ ଦୁର୍ବୃତ୍ତ ଘର ସାମ୍ନାରେ ଛିଡା ହୋଇଥିବା ଓଡ଼ି୦୧-୧୭୭୦ ନମ୍ବର ବିଶିଷ୍ଟ କାରଟିକୁ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ପରିବାର ଲୋକେ ଜାଣିବା ବେଳକୁ ଗାଡ଼ିଟି ସମ୍ପୂର୍ଣ୍ଣ ପୋଡିଯାଇଥିଲା। ତେବେ ଘରେ ଲାଗିଥିବା ସିସିଟିଭିରେ ଦୁର୍ବୃତ୍ତମାନଙ୍କର ସମସ୍ତ ହରକତ କଏଦ ହୋଇଯାଇଥିଲା। ଏନେଇ ଶ୍ରୀମତୀ ସାହୁ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଜଳେଶ୍ୱର ପୋଲିସ ୬୨୩/୨୬ ନମ୍ବର ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିଲେ। ତେବେ ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ଗିଲାଜୁଡ଼ି ଗ୍ରାମର ରଞ୍ଜିତ ଜେନା ଓରଫ ବାପିକୁ ଜଳେଶ୍ୱର ପୋଲିସ ଗିରଫ କରିଥିବା ବେଳେ ଘଟଣାର ମାଷ୍ଟର ମାଇଣ୍ଡ କୁମାର ଦିବ୍ୟ ସ୍ୱରୂପ ସାହୁଙ୍କ ସମେତ ଅନ୍ୟ ଦୁଇ ସହଯୋଗୀ ଫେରାର ଅଛନ୍ତି।

ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ୩ ଗିରଫ

ଭୁବନେଶ୍ୱର(ନି.ପ୍ର): ବେଆଇନ୍ ତାସ୍ ଜୁଆ ଆଡ୍ଡାକୁ ବିରୋଧ ଏବଂ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଭରତପୁର ମସଜିଦ୍ ନିକଟରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ଅଟକାଇ ପେଟକୁ ଛୁରୀ ଭୁସି ମରଣାନ୍ତକ ଆକ୍ରମଣ କରିଥିବା ଘଟଣାରେ ଭରତପୁର ଥାନା ପୋଲିସ ମୁଖ୍ୟ ଷଡ଼ଯନ୍ତ୍ରକାରୀ ମହିଳାଙ୍କ ସମେତ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଆକାଶ ନାୟକ (୨୨), ତାଙ୍କ ପିତା ଭାଇଗା ନାୟକ (୪୬) ଏବଂ କୁନୀ ଦାସ (୪୮)। ଏମାନଙ୍କ ବିରୋଧରେ ପୋଲିସ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ପୋଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଭରତପୁର ଲେନ୍-୪ ଅଞ୍ଚଳରେ ରହୁଥିବା ଅଭିଯୁକ୍ତାକୁନୀ ଦାସ ତାଙ୍କ ସହଯୋଗୀ ମାନଙ୍କ ସହାୟତାରେ ଭରତପୁର ଅଞ୍ଚଳରେ ବେଆଇନ୍ ତାସ୍ ଜୁଆ ଆଡ୍ଡା ଚଲାଇ ଆସୁଥିଲା। ଅଭିଯୋଗକାରୀ ଆଶିଷ ଦାସ (୨୬) ଙ୍କ ପରିବାର ଲୋକେ ସେମାନଙ୍କ ଘର ନିକଟରେ ଏଭଳି ବେଆଇନ୍ କାର୍ଯ୍ୟକଳାପକୁ ବିରୋଧ କରିବାରୁ କୁନୀ ଦାସ ଓ ତା'ର ସହଯୋଗୀମାନଙ୍କର ଆର୍ଥିକ କ୍ଷତି ହୋଇଥିଲା। ଏହା ବ୍ୟତୀତ ଗତ ୧୫.୧୧.୨୦୨୬ ତାରିଖ ରାତି ପ୍ରାୟ ୧୧.୩୦ ମିନିଟରେ ଭରତପୁର ଲେମନ୍ ଟ୍ରି ହୋଟେଲ୍ ନିକଟରେ ଅଭିଯୁକ୍ତାକୁନୀ ଦାସଙ୍କ ସହଯୋଗୀ ମାନେ ଜଣେ ଅଜଣା ବ୍ୟକ୍ତିଙ୍କୁ ମାଡ଼ ମାରୁଥିବା ବେଳେ ଆଶିଷ ଏହାକୁ ବିରୋଧ କରିଥିଲେ ଏବଂ ୧୬.୧୧.୨୦୨୬ ସନ୍ଧ୍ୟାରେ ତାସ୍ ଖେଳକୁ ନେଇ ସେମାନଙ୍କ ମଧ୍ୟରେ ବଚସା ଓ ଗାଳିଗୁଲଜ ହୋଇଥିଲା। ଏହି ପୂର୍ବ ଶତ୍ରୁତା ଓ କୁନୀ ଦାସଙ୍କ ପ୍ରରୋଚନାରେ ଗତ ୧୮.୧୧.୨୦୨୬ ତାରିଖ ରାତି ପ୍ରାୟ ୦୮.୪୫ ମିନିଟରେ ଭରତପୁର ମସଜିଦ୍ ନିକଟରେ ଅଭିଯୁକ୍ତ ଭାଇଗା ନାୟକ ଏବଂ ଅନ୍ୟ ସହଯୋଗୀ ମାନେ ମିଳିତ ଭାବେ ଅଭିଯୋଗକାରୀ ଆଶିଷ ଦାସଙ୍କୁ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଆଶିଷ ପରିସ୍ଥିତିକୁ ଶାନ୍ତ କରିବାକୁ ଚେଷ୍ଟା କରୁଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ଅଭିଯୁକ୍ତନିଜ ପ୍ୟାଣ୍ଟ ପକେଟରୁ ଏକ ଛୁରୀ ବାହାର କରି ଆଶିଷଙ୍କ ପେଟକୁ ତିନି ଥର ଭୁସି ଦେଇଥିଲା, ଯାହାଫଳରେ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଆକ୍ରମଣ ପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଆଶିଷ ଥାନାରେ ପହଞ୍ଚିବା ପରେ ପୋଲିସ ତାଙ୍କୁ ତୁରନ୍ତ କ୍ୟାପିଟାଲ୍ ହସ୍ପିଟାଲ୍ ଏବଂ ରକ୍ତସ୍ରାବ ବନ୍ଦ ନହେବାରୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱରଏମ୍ସ କୁ ସ୍ଥାନାନ୍ତର କରିଥିଲା। ଏନେଇ ଗତ ୧୯.୧୧. ୨୦୨୬ ତାରିଖରେ ଭରତପୁର ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ସମୟରେ ଗତକାଲି ତା ୨୦.୧୧.୨୦୨୬ରାତି ପ୍ରାୟ ୦୮.୪୦ ମିନିଟରେ ସନ୍ଧ୍ୟାକାଳୀନ ପାଟ୍ରୋଲିଂ ଅଧିକାରୀ ଅଭିଯୁକ୍ତ ଆକାଶ ନାୟକ ଓ ଭାଇଗା ନାୟକଙ୍କୁ କାବୁ କରିଥିଲେ। ପୂର୍ବ ଅପରାଧିକ ରେକର୍ଡ ଯାଞ୍ଚ ରୁ ଅଭିଯୁକ୍ତ ଆକାଶ ନାୟକ ନାମରେ ପୂର୍ବରୁ ଭରତପୁର ଥାନାରେ ୨ଟି ଅପରାଧିକ ମାମଲା ରହିଥିବା ଜଣାପଡିଥିଲା। ସେହିପରି ଆଜି ତା ୨୧.୧୧.୨୦୨୬ ଅପରାହ୍ନ ପ୍ରାୟ ୦୨.୨୦ ମିନିଟରେ ମହିଳା ପୋଲିସ କର୍ମଚାରୀଙ୍କ ସହାୟତାରେ ଅଭିଯୁକ୍ତାକୁନୀ ଦାସକୁ ଭରତପୁର ଅଞ୍ଚଳରୁ କାବୁ କରାଯାଇଥିଲା। ପଚରାଉଚରା ବେଳେ ତିନି ଅଭିଯୁକ୍ତ ନିଜ ଦୋଷ ସ୍ୱୀକାର କରିବା ପରେ ଆଜି ସେମାନଙ୍କୁ ବିଧିବଦ୍ଧ ଭାବେ ଗିରଫ କରାଯାଇ ଡାକ୍ତରୀ ପରୀକ୍ଷା ପରେ କୋର୍ଟକୁ ଚାଲାଣ କରାଯାଇଛି।

ମଙ୍ଗଳସୂତ୍ର ବନ୍ଧକ ରଖି ସ୍ୱାମୀଙ୍କୁ ହତ୍ୟା

ମାଆ ବଞ୍ଚି ଥାଇ ଦୁଇ ଶିଶୁ ଅନାଥ

ସୋନପୁର(ନିପ୍ର): ବହୁଚର୍ଚ୍ଚିତ ପାଙ୍କେଲ୍ ଛକ ଗୁଳିକାଣ୍ଡ ଘଟଣାର ପୋଲିସ ପର୍ଦ୍ଦାଫାସ କରିବା ପରେ ସାରା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯିବା ସହ ଜନସାଧାରଣଙ୍କ ଆଖିରେ ଲୁହ ଓ ମନରେ କୋହ ଭରିଦେଇଛି। ଯେଉଁ ମଙ୍ଗଳସୂତ୍ର ଜଣେ ସ୍ତ୍ରୀ ନିଜ ସ୍ୱାମୀଙ୍କ ଦୀର୍ଘାୟୁ ଓ ମଙ୍ଗଳ କାମନା କରି ବେକରେ ପିନ୍ଧିଥାଏ, ଆଜି ସେହି ପବିତ୍ର ମଙ୍ଗଳସୂତ୍ର ହିଁ ସ୍ୱାମୀଙ୍କ ମୃତ୍ୟୁର କାରଣ ପାଲଟିଲା। ପରପୁରୁଷ ପ୍ରେମରେ ଅନ୍ଧ ହୋଇ ନିଜ ମଙ୍ଗଳସୂତ୍ରକୁ ବନ୍ଧକ ରଖି ସ୍ୱାମୀଙ୍କୁ ରାସ୍ତାରୁ ହଟାଇବା ପାଇଁ ହତ୍ୟା ଷଡ଼ଯନ୍ତ୍ର କରିବାକୁ ପଛାଇଲା ନାହିଁ ସ୍ତ୍ରୀ। ଏହି ଘଟଣା ସାମ୍ନାକୁ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଅମାନବୀୟ କାଣ୍ଡରେ ଗୋଟିଏ ହସ



ଭୁବନେଶ୍ୱର: ଡ. ହରେକୃଷ୍ଣ ମହତାବଙ୍କ ଜନ୍ମ ବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି (ଫଟୋ-ଦିନଲିପି)

ଓଡ଼ିଶାରୁ ୪ କୃତୀ ପ୍ରଶିକ୍ଷାର୍ଥୀ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୨୧।୧୧: 'ଅଲ୍-ଇଣ୍ଡିଆ ଟ୍ରେଡ୍ ଟେଷ୍ଟ' (ଏଆଇଟିଟି) ୨୦୨୬ରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଓଡ଼ିଶାର ଚାରିଜଣ ପ୍ରଶିକ୍ଷାର୍ଥୀଙ୍କୁ ଉତ୍ତର ପ୍ରଦେଶର ଲକ୍ଷ୍ନୌ ଠାରେ ଆୟୋଜିତ ୫ମ 'କୌଶଳ ଦୀକ୍ଷାନ୍ତ ସମାରୋହ'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ବର୍ଦ୍ଧିତ କରିଛନ୍ତି।ଏହି ଚାରିଜଣ କୃତୀ ପ୍ରଶିକ୍ଷାର୍ଥୀ ହେଲେ - କଟକ ସରକାରୀ ଆଇଟିଆଇର ଅଭିଜିତ୍ ଦାସ; ପୁରୀ ସରକାରୀ ଆଇଟିଆଇର ସୁପ୍ରୀତି ମହାପାତ୍ର; ଏବଂ ଭୁବନେଶ୍ୱରସ୍ଥିତ ନ୍ୟାସନାଲ୍ ସ୍କିଲ୍ ଟ୍ରେନିଂ ଇନଷ୍ଟିଚ୍ୟୁଟ୍‌ର ସମିଦା ବେଗମ୍ ଓ ସଚିନ୍ କୁମାର। ଜାତୀୟ ସ୍ତରର ଏହି ସମାରୋହରେ ଦେଶବ୍ୟାପୀ ମନୋନୀତ ହୋଇଥିବା ୫୨ ଜଣ ଉତ୍କୃଷ୍ଟ ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରେ ଏମାନେ ସାମିଲ ଥିଲେ। 'କ୍ରାଫ୍ଟସମ୍ୟାନ୍ ଟ୍ରେନିଂ ସ୍କିମ୍' ଅଧୀନରେ 'ଓ୍ୱେଲଡର' ଟ୍ରେଡ୍‌ରେ ଅଭିଜିତ୍ ଦାସ ପୂର୍ବ ଭାରତର 'ଶ୍ରେଷ୍ଠ ପ୍ରଶିକ୍ଷାର୍ଥୀ' ଭାବେ ବିବେଚିତ ହୋଇଛନ୍ତି; ସେ ମୋଟ ୬୦୦ ମାର୍କରୁ ୬୦୦ ମାର୍କ ହାସଲ କରିଛନ୍ତି। ସେହିପରି, ସୁପ୍ରୀତି ମହାପାତ୍ର 'ମେକାନିକ୍ ମୋଟର ଭେଇକିଲ୍' ଟ୍ରେଡରେ ୧,୨୦୦ ମାର୍କରୁ ୧,୧୯୪ ମାର୍କ ହାସଲ କରି 'ଶ୍ରେଷ୍ଠ ମହିଳା ପ୍ରଶିକ୍ଷାର୍ଥୀ' ଭାବେ ସମ୍ମାନିତ ହୋଇଛନ୍ତି।'କ୍ରାଫ୍ଟ ଇନଷ୍ଟ୍ରକ୍ଟର ଟ୍ରେନିଂ ସ୍କିମ୍' ବର୍ଗରେ, 'କମ୍ପ୍ୟୁଟର ସଫ୍ଟୱେର୍ ଆପ୍ଲିକେସନ୍ସ' ବିଷୟରେ ସମିଦା ବେଗମ୍ ଏବଂ 'ଇଲେକ୍ଟ୍ରୋନିକ୍ସ ମେକାନିକ୍' ଟ୍ରେଡ୍‌ରେ ସଚିନ୍ କୁମାର ନିଜ ନିଜ ବିଭାଗରେ ପୂର୍ବ ଭାରତର 'ଶ୍ରେଷ୍ଠ ପ୍ରଶିକ୍ଷାର୍ଥୀ' ଭାବେ ସ୍ୱୀକୃତି ପାଇଛନ୍ତି।



ଦନ୍ତେଶ୍ୱାଡ଼ା-କୋରାପୁଟ ରେଳ ସେକ୍ସନ ନିରୀକ୍ଷଣ କଲେ ଡିଆରଏମ୍

ଜୟପୁର, ୨୧/୧୧(ପିଆଇବି): ଦନ୍ତେଶ୍ୱାଡ଼ା–କୋରାପୁଟ ରେଳ ସେକ୍ସନ ନିରୀକ୍ଷଣ କଲେ ଡିଆରଏମ୍‌ରେଳ ସୁରକ୍ଷା, ଷ୍ଟେସନ ଭିତ୍ତିଭୂମି, ପରିଚାଳନାଗତ ସୁବିଧା ଓ ଚାଲୁଥିବା ବିକାଶମୂଳକ କାର୍ଯ୍ୟର ସମୀକ୍ଷାଅମୃତ ଭାରତ ଷ୍ଟେସନ ଯୋଜନା, ଲିମିଟେଡ୍ ହାଇଟ୍ ସବ୍ୱେ ଓ କର୍ମଚାରୀ କଲ୍ୟାଣ ସୁବିଧାର ଅଗ୍ରଗତି ଅନୁଧ୍ୟାନ ପୂର୍ବତଟ ରେଳପଥ ରାୟଗଡ଼ା ରେଳମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ (ଡିଆରଏମ୍) ଅମିତାଭ ଦନ୍ତେଶ୍ୱାଡ଼ା–କୋରାପୁଟ ରେଳ ସେକ୍ସନର ବ୍ୟାପକ ନିରୀକ୍ଷଣ କରି ରେଳ ସୁରକ୍ଷା, ପରିଚାଳନାଗତ ଦକ୍ଷତା, ଷ୍ଟେସନ ଭିତ୍ତିଭୂମି, ଯାତ୍ରୀ ସୁବିଧା, କର୍ମଚାରୀ କଲ୍ୟାଣ ତଥା ବିଭିନ୍ନ ଚାଲୁ ରହିଥିବା ଓ ପ୍ରସ୍ତାବିତ ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିବା ନେଇ ଆଜି ରେଳ ବିଭାଗ ତରଫରୁ ସୂଚନା ଦିଆଯାଇଛି ଝଦନ୍ତେଶ୍ୱାଡ଼ା ରେଳ ଷ୍ଟେସନ ପରିଦର୍ଶନ ସମୟରେ ଡିଆରଏମ୍ ଷ୍ଟେସନର ବିଭିନ୍ନ ସୁବିଧା ଓ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଥିଲେ।

ମାଲକାନଗିରିରୁ ଓଡ଼ିଶା ଅଣ୍ଡର-୨୩ ଟି ଟ୍ୱେଣ୍ଟି ଦଳରେ ସୁବୀର ସର୍ଦ୍ଦାର

ମାଲକାନଗିରି , ୨୧/୧୧(ନିପ୍ର): ମାଲକାନଗିରି ଜିଲ୍ଲା ପାଇଁ ପୁଣି ଗର୍ବର ମୁହୂର୍ତ୍ତ । ଜିଲ୍ଲାର ଯୁବ କ୍ରିକେଟର ସୁବୀର ସର୍ଦ୍ଦାର ଓଡ଼ିଶା ଅଣ୍ଡର -୨୩ ପୁରୁଷ ଟି ଟ୍ୱେଣ୍ଟି ଦଳରେ ଚୟନ ହୋଇଛନ୍ତି । ବିସିସିଆଇ ଘରୋଇ ସିଜନ ୨୦୨୬-୨୭ ପାଇଁ ଘୋଷିତ ଏହି ଦଳରେ ସ୍ଥାନ ପାଇ ସେ ଜିଲ୍ଲାର ନାମ ରାଜ୍ୟ ସ୍ତରରେ ପୁଣି ଥରେ ଉଜ୍ଜ୍ୱଳ କରିଛନ୍ତି ।ସୁବୀର ଏହା ପୂର୍ବରୁ ମଧ୍ୟ ଓଡ଼ିଶା ଅଣ୍ଡର ୨୩ ଦଳରେ ଖେଳି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ତାଙ୍କର ନିରନ୍ତର ପରିଶ୍ରମ, ଶୃଙ୍ଖଳା ଓ କ୍ରିକେଟ୍ ପ୍ରତି ନିଷ୍ଠା ତାଙ୍କୁ ଏହି ସଫଳତା ଦେଇଛି । ଏମ୍ଭି-୭୯ ସାବରୀ କ୍ରିକେଟ୍ କ୍ଲବର ପ୍ରତିଭାବାନ ଖେଳାଳି ଭାବେ ସୁବୀର ଦୀର୍ଘ ଦିନ ଧରି ଜିଲ୍ଲା ସ୍ତରରେ ଭଲ ପ୍ରଦର୍ଶନ କରି ଆସୁଛନ୍ତି ।ସୁବୀରଙ୍କ ଏହି ସଫଳତା ଜିଲ୍ଲା ସମେତ କାଲିମେଳା ଓ ଏମ୍ଭି-୭୯ ଅଞ୍ଚଳରେ ଖୁସିର ମାହୋଲ ସୃଷ୍ଟି କରିଛି । ମାଲକାନଗିରି ଭଳି ଉପାନ୍ତ ଜିଲ୍ଲାରେ କ୍ରିକେଟ୍ରେ ଅନେକ ଲୁକ୍କାୟିତ ପ୍ରତିଭା ରହିଛନ୍ତି । ଉପଯୁକ୍ତ ପ୍ରଶିକ୍ଷଣ, ଆନୁଷଙ୍ଗିକ ଭିତ୍ତିଭୂମି ଓ ସୁଯୋଗ ମିଳିଲେ ଏହି ଅଞ୍ଚଳର ଯୁବକମାନେ ମଧ୍ୟ ରାଜ୍ୟ ଓ ଜାତୀୟ ସ୍ତରରେ ନିଜର ପ୍ରତିଭା ପ୍ରଦର୍ଶନ କରିପାରିବେ ବୋଲି ସୁବୀରଙ୍କ ଏହି ଚୟନ ପ୍ରମାଣ କରିଛି ।

ହବିଷ୍ୟାଳି ମା ମାନେ ମହାପ୍ରଭୁଙ୍କ ଦର୍ଶନ କଲେ

ପୁରୀ, ୨୧/୧୧(ନିପ୍ର): ବାତ୍ୟା ଆକଓ୍ୱାନ ପରିପ୍ରେକ୍ଷୀରେ ହବିଷ୍ୟାଳୀ ମା ମାନଙ୍କ ସୁରକ୍ଷା ପାଇଁ ମହାପ୍ରଭୁଙ୍କ ଦର୍ଶନ ଦୁଇ ଦିନ ବନ୍ଦ ରଖାଯାଇଥିଲା। ତେବେ ଆଜି ଶନିବାର ପାଗ ବେଶ୍ ଭଲ ଥିବାରୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ାଙ୍କ ନିର୍ଦ୍ଦେଶ କ୍ରମେ ହବିଷ୍ୟାଳୀ ମା ମାନଙ୍କ ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ପୂର୍ବ ପରି ପ୍ରତ୍ୟୁଷରୁ ସ୍ୱତନ୍ତ୍ର ଗାଡ଼ି ମାଧ୍ୟମରେ ସ୍ୱେଚ୍ଛାସେବୀ ମାନେ ମା ମାନଙ୍କୁ ମନ୍ଦିରକୁ ନେଇ ଦର୍ଶନ କରାଇଥିଲେ। ହବିଷ୍ୟାଳୀ ମା ମାନେ ଦୁଇ ଦିନ ର ବିରତି ପରେ ଶ୍ରୀଜୀଉ ମାନଙ୍କୁ ଦର୍ଶନ କରି ଆନନ୍ଦ ଅନୁଭବ କରିଥିଲେ। ଆମ ସୁରକ୍ଷା ପାଇଁ ପ୍ରଶାସନ ଦର୍ଶନ ବନ୍ଦ କରିଥିଲେ। ହେଲେ ଆମ ମନ କାଳିଆ ଠାକୁର ଙ୍କୁ ଦର୍ଶନ ପାଇଁ ବ୍ୟଗ୍ର ଥିଲା। ଆଜି ଦର୍ଶନ କରି ଆମେ ଭାରି ଖୁସି ବୋଲି ହବିଷ୍ୟାଳୀ ମା ମାନେ କହିବା ସହ ପ୍ରଶାସନର ଦାୟିତ୍ୱ ପୂର୍ଣ୍ଣ କାର୍ଯ୍ୟ ପାଇଁ ଧନ୍ୟବାଦ ଜଣାଇଥିଲେ।

ରାଜ୍ୟ ବାଉଁଶ ନୀତି ପ୍ରଣୟନ ଦିଗରେ ଓଡ଼ିଶାର ପ୍ରଥମ ପଦକ୍ଷେପ

ଭୁବନେଶ୍ୱର, ୨୧/୧୧(ନିପ୍ର): ରାଜ୍ୟରେ ବାଉଁଶ କ୍ଷେତ୍ରର ଅପାର ସମ୍ଭାବନାର ସଦୁପଯୋଗ ସହ ଏହାର ସ୍ଥାୟୀ ବିକାଶ ଲକ୍ଷ୍ୟରେ ଏକ ସମନ୍ୱିତ ରାଜ୍ୟ ବାଉଁଶ ନୀତି ପ୍ରଣୟନ ପାଇଁ ଓଡ଼ିଶା ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା (ଓବିଡିଏ) ପକ୍ଷରୁ ଭାରତୀ ଇନଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ପଲିସି (ବିଆଇପିପି), ଇଣ୍ଡିଆନ୍ ସ୍କୁଲ୍ ଅଫ୍ ବିଜନେସ୍ (ଆଇଏସବି)ର ବୈଷୟିକ ସହଯୋଗରେ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଅରଣ୍ୟ ଭବନଠାରେ ଏକ ଦିନିକିଆ ଶିଳ୍ପ ସଂସ୍ଥା ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଥିଲା। ବାଉଁଶ ନୀତି ପ୍ରଣୟନ ପ୍ରକ୍ରିୟାରେ ଏହା ଥିଲା ପ୍ରଥମ ପକ୍ଷଭୁକ୍ତ ପରାମର୍ଶ ବୈଠକ।ଏହି ବୈଠକରେ ଟାଟା ଷ୍ଟିଲ, ଜେକେ ପେପର, ସାଇ ବାୟୋଏନର୍ଜି, କୋନବାକ୍, ମାଇନସ୍କୋ, ସିଆରବିଏନଫିଙ୍କ, ବାଁସୁ ଇଣ୍ଡିଆ, ଇଉଫୋରିଆ, ବିଆଇଏଲ୍ଟି, ପ୍ରାଜ୍, ଷ୍ଟାର୍ ସିମେଂଟ ଓ ଭାବ୍ୟା ସ୍ରିଷ୍ଟି ଉଦ୍ୟୋଗ ସମେତ ୧୨ଟି ସଂସ୍ଥାର ପ୍ରତିନିଧି ଯୋଗଦେଇଥିଲେ। ବୈଠକରେ ଅଧ୍ୟକ୍ଷତା କରି ରାଜ୍ୟର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ, ଡଃ କେ ମୁରୁଗେଶନ କହିଥିଲେ ଯେ ଓଡ଼ିଶାରେ ବାଉଁଶ ଉତ୍ପାଦନ ଓ ଏହାର ଶିଳ୍ପଭିକ ବ୍ୟବହାରର ବ୍ୟାପକ ସମ୍ଭାବନା ରହିଥିଲେ ମଧ୍ୟ ତାହାର ପୂର୍ଣ୍ଣ ଉପଯୋଗ ହୋଇପାରୁନାହିଁ। ପାରମ୍ପରିକ ହସ୍ତଶିଳ୍ প ଓ କାରିଗରୀ କ୍ଷେତ୍ରରୁ ଆଗକୁ ବଢ଼ି ବାଉଁଶର ବ୍ୟାପକ ଶିଳ୍ପଭିତିକ ବ୍ୟବହାର ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ବିଶେଷକରି ଜୈବ ଶକ୍ତି ଭଳି ନୂତନ କ୍ଷେତ୍ରରେ ବାଉଁଶର ବ୍ୟବହାର ରୋଜଗାର ସୃଷ୍ଟି କରିବା ସହ ଗ୍ରାମାଂଚଳର ଜୀବିକାକୁ ସୁଦୃଢ଼ କରିପାରିବ ବୋଲି ସେ ମତ ଦେଇଥିଲେ।ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥାର ରାଜ୍ୟ ମିଶନ ନିର୍ଦ୍ଦେଶକ କାର୍ତିକ ଭି., ଆଇଏଫ୍ଏସ୍, ଶିଳ୍ପ କ୍ଷେତ୍ରରେ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦେବା ପାଇଁ ଏକ ଅନୁକୂଳ ନୀତିଗତ ବ୍ୟବସ୍ଥାର ଆବଶ୍ୟକତା ଉପରେ ମତ ରଖିଥିଲେ।

ସରକାରୀ ଜମି ଜବରଦଖଲ ହଟାଇବାକୁ ପୌରପରିଷଦର କଡ଼ା ପଦକ୍ଷେପ

ରାୟଗଡ଼,୨୧।୧୧(ନିପ୍ର): ସରକାରୀ ଜମିର ବେଆଇନ ଜବରଦଖଲ ହଟାଇବା ପାଇଁ ରାୟଗଡ଼ ପୌରପରିଷଦ ପକ୍ଷରୁ କଠୋର ଏନଫୋର୍ସମେଣ୍ଟ ଅଭିଯାନ ଆରମ୍ଭ ହୋଇଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶକ୍ରମେ ଉପଜିଲ୍ଲାପାଳ ତଥା ପୌରପରିଷଦ ନିର୍ବାହୀ ଅଧିକାରୀ ମୃଣାଳିକା ରାଠୋଡ଼ ଏବଂ ଅତିରିକ୍ତ ନିର୍ବାହୀ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଅଭିଯାନ ଚାଲିଛି। ସହରର ମୁଖ୍ୟ ରାସ୍ତା, ରାସ୍ତାପାର୍ଶ୍ୱ, ଫୁଟପାଥ୍, ସର୍ବସାଧାରଣ ସ୍ଥାନ ଓ ଓଭରବ୍ରିଜ୍ ତଳେ ଥିବା ସରକାରୀ ଜମିକୁ ବେଆଇନ ଭାବେ ଦଖଲ କରି ବ୍ୟବସାୟ କିମ୍ବା ସାମଗ୍ରୀ ଗଚ୍ଛିତ ରଖୁଥିବା ବ୍ୟକ୍ତି ଓ ଦୋକାନୀଙ୍କୁ ତୁରନ୍ତ ଜବରଦଖଲ ହଟାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ଓଭରବ୍ରିଜ୍ ତଳେ ଥିବା ସରକାରୀ ଜମିକୁ ଅନଧିକୃତ ଭାବେ ଦଖଲ କରିଥିବା ବ୍ୟବସାୟୀଙ୍କୁ ସେଠାରୁ ସମସ୍ତ ସାମଗ୍ରୀ ହଟାଇବାକୁ କଡ଼ା ଚେତାବନୀ ଦିଆଯାଇଛି। ପୌରପରିଷଦ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ସରକାରୀ ଜମି, ରାସ୍ତାପାର୍ଶ୍ୱ ଓ ଫୁଟପାଥ୍‌ରେ କୌଣସି ପ୍ରକାର ବେଆଇନ ଜବରଦଖଲକୁ ବରଦାସ୍ତ କରାଯିବ ନାହିଁ। ନିର୍ଦ୍ଦେଶ ଅବମାନନା କରି ଜବରଦଖଲ ଜାରି ରଖିଲେ ଉଚ୍ଛେଦ ସହ ପ୍ରଚଳିତ ନିୟମ ଅନୁଯାୟୀ ଜରିମାନା ଆଦାୟ ଏବଂ ଆଇନଗତ ଦଣ୍ଡାତ୍ମକ ପଦକ୍ଷେପ ନିଆଯିବ। ସରକାରୀ ଜମିର ସୁରକ୍ଷା, ରାସ୍ତା ଓ ଫୁଟପାଥ୍‌କୁ ଜବରଦଖଲମୁକ୍ତ କରିବା, ଯାତାୟାତକୁ ସୁଗମ କରିବା ଏବଂ ସହରରେ ଶୃଙ୍ଖଳିତ ପରିବେଶ ସୃଷ୍ଟି କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ।

ନୂଆଦିଲ୍ଲୀରେ ଚମକିଲା ଓଡ଼ିଶାର ପାଇକ ଆଖଡ଼ା

କଳାକାରଙ୍କ ଦ୍ୱାରା ଚିତ୍ତାକର୍ଷକ ପ୍ରଦର୍ଶନ, ଜାତୀୟ ମଞ୍ଚରେ ଗୌରବ ବଢ଼ାଇଲା ଓଡ଼ିଶାର ପାରମ୍ପରିକ ଯୁଦ୍ଧକଳା

ନିରାକାରପୁର, ୨୧।୧୧(ନିପ୍ର): ଓଡ଼ିଶାର ପାରମ୍ପରିକ ଯୁଦ୍ଧକଳା ତଥା ବୀରତ୍ୱର ପ୍ରତୀକ ପାଇକ ଆଖଡ଼ାର ଗୌରବ ନୂଆଦିଲ୍ଲୀରେ ପ୍ରତିଫଳିତ ହୋଇଛି। ଓଡ଼ିଶା ରାଜ୍ୟ ଦିବସ ସମାରୋହ ଅବସରରେ ନୂଆଦିଲ୍ଲୀସ୍ଥିତ ଭାରତ ଭବନର ମୁକ୍ତାକାଶ ରଙ୍ଗମଞ୍ଚରେ ନିରାକାରପୁରର ସିଦ୍ଧିବ୍ଦା ଅନୁଷ୍ଠାନର କଳାକାରମାନେ ଚିତ୍ତାକର୍ଷକ ପାଇକ ଆଖଡ଼ା ପରିବେଷଣ କରିଛନ୍ତି। ଖୋର୍ଦ୍ଧା ପାଇକ ଆଖଡ଼ା ଓ ଶ୍ରୀ ସାଇ ଡାନ୍ସ ଏକାଡେମୀ, ନିରାକାରପୁରର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସିଦ୍ଧିବ୍ଦା ଅନୁଷ୍ଠାନର ଦୁଇ ଦକ୍ଷ କଳାକାର ଅଭିଲିପ୍ସା ଭୁଜବଳ ଓ ସୁଶ୍ରୀ ସଙ୍ଗୀତା ସାମନ୍ତରାୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏହି ପାରମ୍ପରିକ କଳା ପ୍ରଦର୍ଶନ କରିଥିଲେ। ପାଇକ ଆଖଡ଼ା ଓଡ଼ିଶାର ଏକ ପ୍ରାଚୀନ ଯୁଦ୍ଧକଳା। ଏହା ମାଧ୍ୟମରେ ଓଡ଼ିଆ ଜାତିର ବୀରତ୍ୱ, ସାହସିକତା, ଶୃଙ୍ଖଳା ଓ ସାଂସ୍କୃତିକ ପରମ୍ପରା ପ୍ରତିଫଳିତ ହୋଇଥାଏ। ଜାତୀୟ ମଞ୍ଚରେ ଏହି କଳା ପରିବେଷଣ କରି ନିରାକାରପୁରର କଳାକାରମାନେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ପରିଚୟକୁ ଦେଶବ୍ୟାପୀ ପହଞ୍ଚାଇଛନ୍ତି। ଏ ସମ୍ପର୍କରେ ସିଦ୍ଧିବ୍ଦା ଅନୁଷ୍ଠାନର ମୁଖ୍ୟ କାମଦେବ ବେହେରା ସୂଚନା ଦେଇଛନ୍ତି। କଳାକାରଙ୍କ ଏହି ସଫଳତାକୁ ନେଇ ନିରାକାରପୁର ଅଞ୍ଚଳରେ ଆନନ୍ଦ ଓ ଗର୍ବର ପରିବେଶ ସୃଷ୍ଟି ହୋଇଛି।



ଅନୁଗୋଳ ସ୍ପେଲଟର ସମ୍ପ୍ରସାରଣ ନେଇ ନାଲକୋର ବୈଠକ



ଅନୁଗୋଳ, ୨୧।୧୧(ନିପ୍ର): ଅନୁଗୋଳସ୍ଥିତ ନାଲକୋ ସ୍ପେଲଟରର ବ୍ରାଉନଫିଲ୍ଡ ସମ୍ପ୍ରସାରଣ ପ୍ରକଳ୍ପର ସଫଳ କାର୍ଯ୍ୟାନ୍ୱୟନ ନେଇ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ) ପକ୍ଷରୁ ଭୁବନେଶ୍ୱରରେ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଦେଶ ଓ ବିଦେଶର ପ୍ରାୟ ୪୦ଟି ସଂସ୍ଥାର ୧୪୦ରୁ ଅଧିକ ପ୍ରତିନିଧି ଯୋଗଦେଇଥିଲେ। ଏଥିରେ ପ୍ରଯୁକ୍ତିବିଦ୍ୟା ଅଂଶୀଦାର, ଉପକରଣ ନିର୍ମାତା, ଇପିସି ଠିକାଦାର ଓ ପରାମର୍ଶଦାତା ସାମିଲ ଥିଲେ। ବୈଠକରେ ନାଲକୋର ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ଭାରତରେ ଆଲୁମିନିୟମ ଶିଳ୍ପର ଅଭିବୃଦ୍ଧି ସମ୍ଭାବନା ସମ୍ପର୍କରେ ଆଲୋକପାତ କରିଥିଲେ। ଦେଶରେ ବାର୍ଷିକ ୧୦ ଲକ୍ଷ କୋଟିରୁ ଅଧିକ ଟଙ୍କାର ଭିତ୍ତିଭୂମି ନିବେଶ ଏବଂ ବିଦ୍ୟୁତ୍, ପରିବହନ, ପ୍ୟାକେଜିଂ, ବୈଦ୍ୟୁତିକ ଯାନବାହନ ଓ ଗ୍ରାମୀଣ ବିଦ୍ୟୁତୀକରଣ କ୍ଷେତ୍ରରେ ଆଲୁମିନିୟମର ବର୍ଦ୍ଧିତ ବ୍ୟବହାର ଯୋଗୁଁ ଏହାର ଚାହିଦା ଆଗାମୀ ଦିନରେ ବଢ଼ିବ ବୋଲି ସେ କହିଥିଲେ। ପ୍ରକଳ୍ପର ସଫଳ ରୂପାୟନ ପାଇଁ ନିର୍ଦ୍ଧାରିତ ବ୍ୟୟ ଓ ସମୟସୀମା ମଧ୍ୟରେ କାର୍ଯ୍ୟ ସମ୍ପାଦନ, ଘରୋଇ ମୂଲ୍ୟ ସଂଯୋଜନ, ସୁରକ୍ଷାର ସର୍ବୋଚ୍ଚ ମାନଦଣ୍ଡ ଏବଂ ଗୁଣବତ୍ତା ବଜାୟ ରଖିବା ଉପରେ ସିଏମ୍‌ଡି ଗୁରୁତ୍ୱାରୋପ କରିଥିଲେ।

ବାତ୍ୟା 'ଅକଓ୍ୱାନ'ରେ ଉଜୁଡ଼ିଲା ଚାଷୀଙ୍କ ସୁନାର ଫସଲ

ବାଙ୍କୀ, ୨୧।୧୧ (ନି.ପ୍ର.): ପ୍ରକୃତିର ଦାଉରେ ଉଜୁଡ଼ିଗଲା ଚାଷୀଙ୍କ ବର୍ଷକର ପରିଶ୍ରମ। ମାସକ ମଧ୍ୟରେ ତିନି ତିନିଟି ବାତ୍ୟାର ପ୍ରଭାବ ସାଙ୍ଗକୁ ଲଗାଣ ବର୍ଷା ଖରିଫ ଧାନ ଫସଲ ପାଇଁ କାଳ ସାଜିଛି। ବାତ୍ୟା 'ଅକଓ୍ୱାନ' ପ୍ରଭାବରେ ଦୁଇଦିନ ଧରି ହୋଇଥିବା ବର୍ଷା ଯୋଗୁଁ ବାଙ୍କୀ ଅଞ୍ଚଳର ଶହ ଶହ ହେକ୍ଟର ଚାଷଜମି ଜଳମଗ୍ନ ହୋଇଛି। ପାଚିଲା ଧାନଗଛ ପାଣିରେ ବୁଡ଼ି ଲୋଟିପଡ଼ିଥିବା ବେଳେ କେତେକ ସ୍ଥାନରେ ଧାନ କେଣ୍ଡା ପାଣିରେ ଭାସୁଛି। ଅମଳ ବଆଇବା ପାଇଁ ଅସହାୟ ଚାଷୀ ପାଣି ଭିତରୁ ଧାନ ଛାଣି ଆଣୁଛନ୍ତି। କଟକ ଜିଲ୍ଲା ବାଙ୍କୀ ଉପଖଣ୍ଡରେ ପୂର୍ବରୁ ବନ୍ୟା ଯୋଗୁଁ ଅନେକ ଚାଷଜମିରେ ଫସଲ ନଷ୍ଟ ହୋଇଥିଲା। ଅନ୍ୟପକ୍ଷରେ ବନ୍ୟା ପ୍ରଭାବିତ ହୋଇନଥିବା ଅଞ୍ଚଳରେ ଚଳିତବର୍ଷ ଧାନ ଫସଲ ଭଲ ହୋଇଥିଲା। ବାତ୍ୟା ଆଶଙ୍କାରେ କେତେକ ଚାଷୀ ଅଧାପାଚିଲା ଧାନ କାଟି ଅମଳ କରିନେଇଥିବା ବେଳେ ଆଉ କିଛି ଦିନ ଅପେକ୍ଷା କରିଥିବା ଚାଷୀଙ୍କ ସବୁ ଆଶା ଏବେ ପାଣିରେ ମିଳାଇଯାଇଛି। ବାଙ୍କୀ ବ୍ଲକର ବଳଭଦ୍ରପୁର, କାଳିପୋଇ, କଳାପଥର, ଜଗନ୍ନାଥପୁର, ନୂଆଗାଁ ସମେତ ବୈଦେଶ୍ୱର ପଞ୍ଚାୟତର କୁରୁମପଡ଼ା, ଇଚ୍ଛାପୁର, ପୋଡ଼ାପାଟଣା, କେନ୍ଦୁପଲ୍ଲୀ ଓ କିଆପଲ୍ଲୀ ଅଞ୍ଚଳରେ ଧାନଜମି ଜଳମଗ୍ନ ହୋଇରହିଛି। ଅନେକ ଜମିରେ ପାଚିଲା ଧାନଗଛ ପାଣିରେ ବୁଡ଼ି ରହିଥିବା ବେଳେ କେତେକ ସ୍ଥାନରେ ଧାନ କେଣ୍ଡାରୁ ଗଜା ବାହାରିବା ଆରମ୍ଭ କରିଛି। ଆଖି ଆଗରେ ବର୍ଷକର ଫସଲ ନଷ୍ଟ ହେଉଥିବା ଦେଖି ଚାଷୀ ହତାଶ ହୋଇପଡ଼ିଛନ୍ତି। ଚଳିତବର୍ଷ ବାଙ୍କୀ ବ୍ଲକରେ ୭ ହଜାର ୪୦୦ ହେକ୍ଟର ଏବଂ ବାଙ୍କୀ-ଡମପଡ଼ା ବ୍ଲକରେ ୭ ହଜାର ୩୪୦ ହେକ୍ଟର ଜମିରେ ଖରିଫ ଧାନଚାଷ ହୋଇଛି। ଚାଷୀଙ୍କୁ ବିହନ ଓ ସାର ଯୋଗାଣ ପାଇଁ ୪୦ଟି ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ବ୍ୟବସ୍ଥା ହୋଇଥିଲା। ଅନେକ ଚାଷୀ ସମବାୟ ସମିତିରୁ ଋଣ ନେଇ ଚାଷ କରିଥିଲେ। ହେଲେ ଅମଳ ସମୟରେ ବାତ୍ୟା ଓ ଲଗାଣ ବର୍ଷା ସେମାନଙ୍କ ଆଶା ଭାଙ୍ଗିଦେଇଛି।



ଲକ୍ଷ୍ମୀନାରାୟଣ ବେଶରେ ଭକ୍ତଙ୍କୁ ଦର୍ଶନ ଦେଲେ ପ୍ରଭୁ ସାକ୍ଷୀଗୋପାଳ

ପୁରୀ, ୨୧/୧୧(ନିପ୍ର): କାର୍ତ୍ତିକ ମାସ ଶୁକ୍ଳପକ୍ଷ ବଡ଼ ଏକାଦଶୀ ତଥା ଦେବ ଉତ୍ଥାପନ ଏକାଦଶୀ ତିଥିରେ ପୁରୀ ଜିଲା ସାକ୍ଷୀଗୋପାଳ ମନ୍ଦିରରେ ଠାକୁରଙ୍କ ଲକ୍ଷ୍ମୀନାରାୟଣ ବେଶ ସହିତ ଶ୍ରୀରାଧାଙ୍କ ସୁନାବେଶ ଦର୍ଶନ ପାଇଁ ଶନିବାର ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼